

ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ,
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି ।
-ମିଲ୍‌ଟନ୍



# ନକଲି ଚାଷୀଙ୍କ ନାମରେ ଜଳନିଧି ଯୋଜନା

■ ଲୋକାୟୁକ୍ତଙ୍କ ନିକଟରେ ମାମଲା ରୁଜୁ
■ ସମ୍ପୃକ୍ତ ଅଧିକାରୀ, ନକଲି ଛାଷୀ ଛାନିଆ

ଯାଜପୁର ଅଫିସ,୨୮।୮

ଯାଜପୁର ଜିଲାରେ ଜଳନିଧି ଯୋଜନାରେ ନକଲି ଚାଷୀଙ୍କ ନାମରେ ଗଭୀର ଓ ଅଗଭୀର ନଳକୂପ ଖନନ କରାଯାଇ ଲକ୍ଷାଧିକ ଟଙ୍କା ହଡ଼ପ ହୋଇଛି। ଏହି ହଡ଼ପ ଘଟଣାରେ ସମ୍ପୃକ୍ତ ଅଧିକାରୀ ଓ ନକଲି ଚାଷୀଙ୍କ ବିରୋଧରେ ଏବେ ଓଡିଶା ଲୋକାୟୁକ୍ତ ଅଧକ୍ଷଙ୍କ ନିକଟରେ ମାମଲା ରୁଜୁ ହୋଇଛି। ଚାଷୀଙ୍କ ଜମିରେ ଜଳନିଧି ଯୋଜନା କାର୍ଯ୍ୟକାରୀ ନ ହୋଇ କ୍ରଶର ୟୁନିଟ, କ୍ଷୁଦ୍ର ଶିଳ୍ପ ସଂସ୍ଥା, ବାସଘରେ ଆଦି ସ୍ଥାନରେ ସ୍ଥାପନ ହୋଇଛି। ଚଞ୍ଚକତା କରି ଗଭୀର ନଳକୂପ ପାଇଁ ୫୦ହଜାର ଟଙ୍କା ଓ ଅଗଭୀର ନଳକୂପ ପାଇଁ ୨୦ ହଜାର ଟଙ୍କା ଲେଖାଏ ସବ୍‌ସିଡି ନକଲି ଚାଷୀଙ୍କ ନାମରେ କରାଯାଇ କୃଷି ଅଧିକାରୀମାନେ ଲକ୍ଷାଧିକ ଟଙ୍କା ଚଳୁ କରିଥିବା ଅଭିଯୋଗ ହୋଇଛି। ମାମଲା ରୁଜୁ ହେବା ପରେ ସମ୍ପୃକ୍ତ ଅଧିକାରୀ ଓ ନକଲି ଚାଷୀ ଛାନିଆ ହୋଇପଡ଼ିଛନ୍ତି।

ଓଡିଶା ଲୋକାୟୁକ୍ତ ଧାରା-୧୪ ଅନୁସାରେ ହୋଇଥିବା ମାମଲାରେ ଦର୍ଶାଯାଇଛି ଯେ, ରାଜ୍ୟ କୃଷି ବିଭାଗ ପକ୍ଷରୁ ଆପିକଲ ମାଧ୍ୟମରେ ଚାଷ ଜମିକୁ ଜଳସେଚିତ କରିବା ନିମନ୍ତେ ଜଳନିଧି ଯୋଜନାରେ ଗଭୀର ଓ ଅଗଭୀର ନଳକୂପ ଖନନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ମାତ୍ର ତଳସ୍ତରରେ ଥିବା ବିଭାଗୀୟ କର୍ମଚାରୀଙ୍କ ଅସାଧୁ କାର୍ଯ୍ୟ ଯୋଗୁ ଏହି ଯୋଜନାର ସଫଳ ରୂପାୟନ ହୋଇ ନ ପାରିବା ସହିତ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଛି। ଏଭଳି ଏକ ନିଚ୍ଛକ ଘଟଣାର ପ୍ରମାଣ ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ମିଳିଛି। ସୂଚନା ଅଧିକାର ଆଇନ ବଳରେ ହାସଲ ହୋଇଥିବା ତଥ୍ୟ ଅନୁଯାୟୀ ଜଳନିଧି ଯୋଜନାରେ ୨୦୦୭-୦୮ ଆର୍ଥିକ ବର୍ଷଠାରୁ ୨୦୧୨-୧୩ ଆର୍ଥିକ ବର୍ଷ ମଧ୍ୟରେ ଧର୍ମଶାଳା ବ୍ଲକରେ ମୋଟ ୧୩୫୬ ଜଣ ହିତାଧିକାରୀଙ୍କ ନାମରେ ନଳକୂପ ଖନନ ପାଇଁ ସରକାରୀ ସବ୍‌ସିଡି ଅର୍ଥ ପ୍ରଦାନ କରାଯାଇଛି। ଯେଉଁ ବ୍ୟକ୍ତିଙ୍କ ୧ହେକ୍ଟର ଚାଷ ଜମି ରହିଛି ସେହି ଚାଷୀଙ୍କୁ ଏଭଳି ନଳକୂପ ପ୍ରଦାନ କରାଯିବାର ନିୟମ ରହିଛି। ମାତ୍ର ତଥ୍ୟ ଓ ସରଜମିନ ଯାଞ୍ଚ କରିବା ପରେ ଜଣାପଡ଼ିଛି ଯେ, ପ୍ରାୟ ୯୦ପ୍ରତିଶତ ହିତାଧିକାରୀ ଚାଷ ଉଦ୍ଦେଶ୍ୟରେ ଚାଷ ଜମିରେ ଏଭଳି ନଳକୂପ ଖନନ ନ କରି ଘରୋଇ ବ୍ୟବହାର ନିମନ୍ତେ ନିଜ ନିଜ ଘରେ, କ୍ରଶର ୟୁନିଟରେ, କ୍ଷୁଦ୍ର ଶିଳ୍ପ ସଂସ୍ଥା ପରିସରରେ ସ୍ଥାପନ କରିଛନ୍ତି। ଚାଷୀଙ୍କ ବଦଳରେ ବିଭିନ୍ନ ରାଜନୈତିକ ଦଳର ନେତା ବା ତାଙ୍କ ପରିବାର ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ, ଠିକାଦାର, ବ୍ୟବସାୟୀ, ସରକାରୀ କର୍ମଚାରୀଙ୍କ ଭଳି ବ୍ୟକ୍ତି ଏହି ଯୋଜନାର ହିତାଧିକାରୀ ସାଜିଛନ୍ତି। ଗୋଟିଏ ଗୋଟିଏ ପରିବାରର ଏକାଧିକ ସଦସ୍ୟ ମଧ୍ୟ ଏଭଳି ଯୋଜନାର ଫାଇଦା ଅସାଧୁ ଉପାୟରେ ହାତେଇଛନ୍ତି। ସେହିଭଳି ବ୍ଲକ ଓ ଜିଲା ବାହାରେ ମଧ ଏଭଳି ନଳକୂପ ସ୍ଥାପନ କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି। ଢେଙ୍କାନାଳ ଜିଲା ଗନ୍ଦିଆ ବ୍ଲକ ଅନ୍ତର୍ଗତ ନିହଲପ୍ରସାଦ ପଞ୍ଚାୟତର ରଗଡ଼ିପଶି ଗ୍ରାମର ଗୋକୁଳାନନ୍ଦ ଧଳଙ୍କ ପୁଅ ଶରତ କୁମାର ଧଳଙ୍କ ନାମରେ ଏଭଳି ଏକ ନଳକୂପ ପ୍ରଦାନ କରାଯାଇଛି ବୋଲି ଉଲ୍ଲେଖ ରହିଛି। ତେବେ କେଉଁ ହିତାଧିକାରୀ କେତେ ଟଙ୍କାର ସବ୍‌ସିଡି ଅର୍ଥ ଗ୍ରହଣ କରିଛନ୍ତି ଓ ନଳକୂପରେ ସ୍ଥାପନ ହୋଇଥିବା ମୋଟର ଗୁଡ଼ିକର ନମ୍ବର ପାଇଁ ସୂଚନା ଅଧିକାର ଆଇନରେ ଆବେଦନ କରାଯାଇଥିଲେ ହେଁ ତାକୁ ବିଭାଗୀୟ ଅଧିକାରୀ ଦେଇ ନାହାନ୍ତି। ଯଦ୍ୱାରା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ରାଜ୍ୟ ସୂଚନା କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉପରୋକ୍ତ ଅବଧି ମଧ୍ୟରେ ଯେତିକି ନଳକୂପ ଖନନ ହୋଇଥିବା ତଥ୍ୟ କହୁଛି, ବାସ୍ତବରେ ତନ୍ମଧ୍ୟରୁ ପ୍ରାୟ ଅଧାଅଧି ନଳକୂପ ଆଦୌ ଖନନ କରାଯାଇ ନାହିଁ। ଜଳନିଧି ଯୋଜନାର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚି ନ ପାରିବାରୁ ପ୍ରକୃତ ଚାଷୀ ଜଳସେଚନର ଆବଶ୍ୟକତା ସମୟରେ ନିରାଶ ହୋଇଛନ୍ତି। ଏ ନେଇ ଧରିତ୍ରୀରେ ୨୭।୧୧।୨୦୧୭ରେ ପ୍ରକାଶିତ ସବିଶେଷ ତଥ୍ୟ ଭିତ୍ତିକ ଖବରକୁ ନେଇ ନ୍ୟାୟ ପାଇଁ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି ସୂଚନା କର୍ମୀ ବେହୁରା। ଏସଂକ୍ରାନ୍ତରେ ଯାଜପୁର ଡିଡିଏ ଶରତ କୁମାର ପୃଷ୍ଟିଙ୍କୁ ପଚାରିବାରୁ ସେ କହିଛନ୍ତି ଲୋକାୟୁକ୍ତଙ୍କ ନୋଟିସ ଆସିବା ପରେ ଯାହା କିଛି କହିହେବ। ନିର୍ଦ୍ଦିଷ୍ଟ ଅଭିଯୋଗ ଅନୁସାରେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୃଷ୍ଟି କହିଛନ୍ତି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଛାତ୍ର ଗୁରୁତର

ରସୁଲପୁର,୨୮।୮(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥର କୁଆଖିଆ-ଯାଜପୁର ରାସ୍ତାର କୁଆଖିଆ ବଜାର ନିକଟସ୍ଥ ହୋଣ୍ଡା ଶୋ-ରୁମ୍ ସମ୍ମୁଖରେ ବୁଧବାର ଅପରାହ୍ନରେ ଏକ ଗାଡ଼ି ଧକ୍କାରେ ଯୁକ୍ତ ୩ରେ ପଢୁଥିବା ଜଣେ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଆହତ ଛାତ୍ର ଜଣକ ହେଲେ ରାହାମ୍ବା ପଞ୍ଚାୟତ ମିର୍ଜାପୁର ଗ୍ରାମର କଲାମ ଉଦ୍ଦିନ ମହମ୍ମଦ। ଆହତ ଅବସ୍ଥାରେ ତାଙ୍କୁ ଘଟଣାସ୍ଥଳରୁ କଲେଜର ଅନ୍ୟ ଛାତ୍ରମାନେ ସ୍ଥାନୀୟ ମଧୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ହମ୍ପସ୍‌ରେ ପଡ଼ି ଯୁବକ ଗୁରୁତର

ରସୁଲପୁର,୨୮।୮(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ-ଜେନାପୁର ରାସ୍ତାର ରାହାମ୍ବା ପଞ୍ଚାୟତ ପୋଡ଼ପୋଡ଼ା ଛକ ନିକଟରେ ମଙ୍ଗଳବାର ରାତି ପ୍ରାୟତଃ ୧୦ଟା ସମୟରେ ଜନୈକ ବାଇକ ଚାଳକ ହମ୍ପସ୍‌ରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଛନ୍ତି।ଆହତ ଯୁବକ ଜଣକ ହେଲେ କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ବଣ୍ଟରା ଗ୍ରାମର କାଳିଆ ଓରଫ ସୁଶାନ୍ତ ବିଶ୍ୱାଳ(୩୨)। ଆହତ ଯୁବକଙ୍କୁ ସ୍ଥାନୀୟ ଲୋକେ ମଧୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୁଶାନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ସ୍ୱାଧୀନତା ସଂଗ୍ରାମୀ ପରମାନନ୍ଦ ମହାନ୍ତିଙ୍କ ୧୧ତମ ଶ୍ରାଦ୍ଧୋତ୍ସବ

ରସୁଲପୁର,୨୮।୮(ଡି.ଏନ୍.ଏ.): ଯାଜପୁର ଜିଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଧର୍ମଶାଳାର ପୂର୍ବତନ ବିଧାୟକ ପରମାନନ୍ଦ ମହାନ୍ତିଙ୍କ ୧୧ତମ ଶ୍ରାଦ୍ଧୋତ୍ସବ କୁଆଖିଆ ପ୍ରେସ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। କୁଆଖିଆ ବଜାରସ୍ଥିତ ଅଭିମନ୍ୟୁ ସାମନ୍ତ ସିଂହାର ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରେସ୍ କ୍ଲବ ଉପସଭାପତି ବିଶ୍ୱନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ମୁଖ୍ୟ ଅତିଥିଭାବରେ ଉପମୁଖ୍ୟ ସଚେତକ ପ୍ରଣବ କୁମାର ବଳବନ୍ତରାୟ, ମୁଖ୍ୟବକ୍ତାଭାବରେ କୋରେଇ ବିଧାୟକ ଅଶୋକ କୁମାର ବଳ, ସମ୍ମାନିତ ଅତିଥିଭାବରେ ରସୁଲପୁର ବ୍ଲକ ଅଧକ୍ଷା ସାରତୀ ଜେନା, ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ, ବିଡିଓ ଉମାକାନ୍ତ ପରିଡା ପ୍ରମୁଖ ଯୋଗଦେଇ ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିବା ସହ ପରମାନନ୍ଦଙ୍କ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ, ବୈରାଗୀ ଘଡ଼େଇ, ଗୋପିନାଥ ପତି, ଯୋଗେନ୍ଦ୍ର ପଣ୍ଡା, ବିଜୟ କୁମାର ଦାଶ, ଈଶ୍ୱର ଚନ୍ଦ୍ର ଦ୍ୱିବେଦୀ ପ୍ରମୁଖ ପରମାନନ୍ଦ ଅନୁଗାମୀ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ରସୁଲପୁର ବ୍ଲକ ପରିସରରେ ଥିବା ପରମାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ପରିବହନ ଆରମ୍ଭ କରିବାକୁ ଦିଆଗଲା ମେସେଜ୍

କାଳିଆପାଣି/ସୁକିନ୍ଦା, ୨୮।୮(ଡି.ଏନ୍.ଏ.)

ସୁକିନ୍ଦା ଖଣି ଅଞ୍ଚଳରେ ପରିବହନକୁ ନେଇ ଅଚଳାବସ୍ଥା ଲାଗି ରହିଛି। ଏଭଳିସ୍ଥିତିରେ ବୁଧବାର ମିନେରାଲ ଟ୍ରକ୍ ମାଲିକ ସଂଘ ଖଣି ପ୍ରଭାବିତ ଟ୍ରକ୍ ମାଲିକ ସଂଘଗୁଡ଼ିକୁ ମେସେଜ ମାଧ୍ୟମରେ ପୂର୍ବ ପରି ଖଣିରେ ଲୋଡ଼ିଂ ନିମନ୍ତେ ଟାର୍ଗେଟ ଦେଇଥିବା ଜଣାପଡ଼ିଛି। ଓଡ଼ିଶା ଖଣି ନିଗମ ଖଣିରୁ ଦାସ ଆଣ୍ଡ ଦାସ ରୋଡ ୱେ' ପରିବହନ ସଂସ୍ଥାର ସୁକୁରୁଙ୍ଗରୁ କୁତବାଲସା ପରିବହନ କରୁଥିବା ୮ ଟ୍ରକ୍, କାଳିଆପାଣିରୁ ଦୁର୍ଗାପୁର ପରିବହନ କରୁଥିବା ୮ଟ୍ରକ ଏବଂ ପୁଷ୍ପକ ରୋଡ୍‌ୱେ ପରିବହନ ସଂସ୍ଥାର କାଳିଆପାଣିରୁ ଦୁର୍ଗାପୁର ପରିବହନ କରୁଥିବା ୯ଟି ୧୨ଚକିଆ ଟ୍ରକ୍ ଲୋଡ଼ିଂ ପାଇଁ ମେସେଜ୍ ଦିଆଯାଇଥିବା ଜଣାପଡ଼ିଛି। ଏହାକୁ ନେଇେ ଖଣି ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚା ଜୋର ଧରିଛି।

## ଟାଟା ଷ୍ଟିଲ ମିଡ଼ିଆ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସୁକିନ୍ଦା ମିଡିଆ ଏକାଦଶ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌ର ଖେଳାଳି।

କଳିଙ୍ଗନଗର,୨୮।୮(ଡି.ଏନ୍.ଏ.)

ଟାଟା ଷ୍ଟିଲ କଳିଙ୍ଗନଗର ପ୍ଲଟ୍-୨ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପଡ଼ିଆରେ ବୁଧବାର ଟାଟା ଷ୍ଟିଲ୍ ପକ୍ଷରୁ ଆୟୋଜିତ ମିଡ଼ିଆ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଫାଇନାଲ ମ୍ୟାଚ୍‌ରେ ସୁକିନ୍ଦା ମିଡ଼ିଆ ଏକାଦଶ ବ୍ୟାସନଗର ମିଡ଼ିଆ ଏକାଦଶକୁ (୪-୦) ଗୋଲ୍‌ରେ ହରାଇ ଟାଟା ଷ୍ଟିଲ ମିଡ଼ିଆ ଫୁଟବଲ କପ୍ ପ୍ରଥମ ସଂସ୍କରଣର ଚାମ୍ପିୟନ ହୋଇଛି। ଏହାପୂର୍ବରୁ ଆୟୋଜିତ ପ୍ରଥମ ସେମିଫାଇନାଲ୍‌ରେ ସୁକିନ୍ଦା ଏକାଦଶ (୪-୦) ଗୋଲ୍‌ରେ ଯାଜପୁର ଟାଉନ୍ ଏକାଦଶକୁ ପରାଜିତ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ୍‌ରେ ବ୍ୟାସନଗର ଏକାଦଶ ଓ କଳିଙ୍ଗନଗର ଏକାଦଶ ମଧ୍ୟରେ ଟାଏବ୍ରେକରେ ଜରିଆରେ ବ୍ୟାସନଗର ଏକାଦଶ (୩-୦) ଗୋଲ୍‌ରେ ବିଜୟୀ ହୋଇଥିଲା। ଟାଟା ଷ୍ଟିଲ କଳିଙ୍ଗନଗର ଅପରେନ୍ସ ବିଭାଗ ଭାଇସ ପ୍ରେସିଡେଣ୍ଟ ରାଜୀବ କୁମାର ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ କଳିଙ୍ଗନଗର କର୍ପୋରେଟ୍ ସେବା ବିଭାଗ ମହା ପ୍ରବନ୍ଧକ ଆର୍.ଆର. ଶତପଥୀ, ଟାଟା ଷ୍ଟିଲ କଳିଙ୍ଗନଗର ଅପରେନ୍ସ ବିଭାଗ ମହାପ୍ରବନ୍ଧକ ଚୈତନ୍ୟ ଭାନୁ ଓ ଟାଟା ଷ୍ଟିଲ ଏଫ୍ଏମ୍‌ଡ଼ି ବିଭାଗ ମହାପ୍ରବନ୍ଧକ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୁରସ୍କାର ବିତରଣୀ ସମାରୋହରେ ଆର୍.ଆର୍ ଶତପଥୀ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ବ୍ୟାସନଗର ଏକାଦଶର ଜ୍ଞାନରଞ୍ଜନ ଓଝା ଓ ପ୍ରଭୁଦତ ମହାନ୍ତି ଯଥାକ୍ରମେ ଶ୍ରେଷ୍ଠ ଗୋଲକିପର ଓ ଶ୍ରେଷ୍ଠ ଡିଫେଣ୍ଡର ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ସୁକିନ୍ଦା ଏକାଦଶର ଅସୀତ କୁମାର ମହାନ୍ତଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଆଦର୍ଶ ଶିକ୍ଷୟିତ୍ରୀଙ୍କ ପ୍ରଥମ ପୁଣ୍ୟତିଥି ପାଳିତ

ଧର୍ମଶାଳା,୨୮।୮(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଶାନ୍ତିବଜାରସ୍ଥିତ ସରୋଜିନୀ ସ୍ମୃତି ସଂସଦ ଆନୁକୂଲ୍ୟରେ ବୁଧବାର ଆଦର୍ଶ ଶିକ୍ଷୟିତ୍ରୀ ସରୋଜିନୀ ଦାସଙ୍କ ପ୍ରଥମ ପୂଣ୍ୟତିଥି ପାଳନ କରାଯାଇଛି। ଏହି ଅବସରରେ ସରୋଜିନୀଙ୍କ ପ୍ରତିମୂର୍ତ୍ତିକୁ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଅନାବରଣ କରିଥିଲେ। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ପୂର୍ବତନ ଏମ୍‌ପି ରୀତା ତରାଇ, ଚିତ୍ତରଞ୍ଜନ ମିଶ୍ର, ଚିତ୍ତରଞ୍ଜନ ମହାନ୍ତି ଓ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ଉପସ୍ଥିତ ଥିଲେ। ପରେ ଜାରକାସ୍ଥିତ ସିଭିକ୍ ସେଣ୍ଟରରେ ପୁରୁଷୋତ୍ତମ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ 'ସରୋଜିନୀ' ସାରସ୍ୱତ ପତ୍ରିକା, 'ସ୍ମୃତିରେ ସରୋଜିନୀ' ସ୍ମରଣିକା, 'ପ୍ରିୟତମା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସାହିତ୍ୟିକ ସହଦେବ ସାହୁ ଓ ଚିତ୍ତରଞ୍ଜନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ପଞ୍ଚାୟତ ଶିଶୁ ସୁରକ୍ଷା ସମିତି ଗଠିତ

## ମା'ବାପ ଛେଉଣ୍ଡ ୨ନାବାଳିକାଙ୍କୁ ମିଳିଲା ପ୍ରୋତ୍ସାହନ ପ୍ରତିଶ୍ରୁତି

ବିଞ୍ଝାରପୁର,୨୮।୮(ଡି.ଏନ୍.ଏ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ରଣପୁର ପଞ୍ଚାୟତଠାରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ସମିତି ଗଠିତ ହୋଇଛି। ଏହି ଅବସରରେ ରଣପୁର ପଞ୍ଚାୟତର ସରପଞ୍ଚ ଅଚ୍ଚଳ ବିହାରୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାଶିଶୁ ସୁରକ୍ଷା କମିଟିର ପଦ୍ମ ଚରଣ ସାମନ୍ତରାୟ ଯୋଗଦେଇ ସମାଜରେ ଶିଶୁଙ୍କ ସୁରକ୍ଷା ଦିଗ ପ୍ରତି ଆଲୋକପାତ କରିଥିଲେ। ଏହି କମିଟି ମୁଖ୍ୟତଃ ଶିଶୁଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରିବ। ବିଭିନ୍ନ ଦୋକାନ ବଜାରରେ ଶିଶୁଶ୍ରମିକ ଭାବେ କାର୍ଯ୍ୟ କରୁଥିବା, ବିଦ୍ୟାଳୟ ପ୍ରତି ବିମୁଖ ହେଉଥିବା, ଅର୍ଥ ଅଭାବରୁ ମା'ବାପାଙ୍କ ଠାରୁ ଦୁରେଇ ରହୁଥିବା ଶିଶୁଙ୍କୁ ଉଦ୍ଧାର କରି ସେମାନଙ୍କୁ ସାମାଜିକ ସୁରକ୍ଷା ଦେବ। ଏହି ଅବସରରେ ପଞ୍ଚାୟତର ମା'ବାପ ଛେଉଣ୍ଡ ୨ ନାବାଳିକା ପୂଜା ମଲ୍ଲିକ, ଲିଜା ମଲ୍ଲିକଙ୍କୁ ପ୍ରଥମ ପର୍ଯ୍ୟାୟରେ ଜିଲାଶିଶୁ ସୁରକ୍ଷା କମିଟି ଜରିଆରେ ସେମାନଙ୍କ ପାଠପଢ଼ା ଓ ଉତ୍ତମ ଖାଦ୍ୟ ପେୟ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବ ବୋଲି ସଭାରେ ପ୍ରତିଶ୍ରୁତି ମିଳିଥିଲା। ପଞ୍ଚାୟତସ୍ତରୀୟ ଶିଶୁସୁରକ୍ଷା କମିଟିରେ ସଭ୍ୟାସଭ୍ୟ ଭାବେ ଜଗନ୍ନାଥ ମିଶ୍ର, ଅକ୍ଷୟ ମଲ୍ଲିକ, ସୁଧିର ମଲ୍ଲିକ, ବିଶ୍ୱନାଥ ସାମଲ, ସନ୍ତୋଷ ନାୟକ, ସଂଘମିତ୍ରା ସାମଲ, ବିବେକାନନ୍ଦ ଧଳ, ରୋଜାଲିନ୍ ସାମଲ, ବିଜୟ ମଲ୍ଲିକ, ଛାତ୍ର ସତ୍ୟଜିତ ନାୟକ, ହରପ୍ରୀୟା ମିଶ୍ର ପ୍ରମୁଖ ମନୋନୀତ ହୋଇଛନ୍ତି।

## ଭୋଟକା ହିଙ୍ଗୁଳା ବିଦ୍ୟାପୀଠ ପରିଚାଳନା କମିଟି ଗଠିତ

ରସୁଲପୁର,୨୮।୮(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ହିଙ୍ଗୁଳା ବିଦ୍ୟାପୀଠର ପରିଚାଳନା କମିଟି ବୁଧବାର ଗଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଖୁଣ୍ଟିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗଦେଇ କମିଟି ଗଠନ ପ୍ରକ୍ରିୟା ସମ୍ପର୍କରେ ଅବଗତ ହୋଇଥିଲେ। ବିଧାୟକ ବଳଙ୍କୁ କମିଟିର ସଭାପତି, ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ମଳିକ ଓ ସମିତି ସଭ୍ୟ ବିଜୟ କୁମାର ମଳିକଙ୍କୁ ସ୍ଥାୟୀ ସଭ୍ୟ, ଉମା ସେଠୀ ମହିଳା ସଦସ୍ୟା, ଭୀମସେନ ପଣ୍ଡା, ଅମରେଶ ମଳିକ ଅଭିଭାବକ ସଦସ୍ୟ, ନଗେନ୍ଦ୍ର ପତି, ସୁରେନ୍ଦ୍ର ସାହୁଙ୍କୁ ଶିକ୍ଷାବିତ୍ ସଦସ୍ୟ, ଶିକ୍ଷକ ସୁରେଶ ଚନ୍ଦ୍ର କର ଶିକ୍ଷକ ପ୍ରତିନିଧି, ପ୍ରଧାନ ଶିକ୍ଷକ ଖୁଣ୍ଟିଆଙ୍କୁ କମିଟିର ସମ୍ପାଦକ ଭାବରେ ମନୋନୀତ କରାଯାଇଛି। ଉକ୍ତ କମିଟି ଅନୁମୋଦନ ହୋଇ ଆସିବା ପରେ ନୂତନ ପରିଚାଳନା କମିଟିର ନିର୍ଦ୍ଦେଶରେ ବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ କରାଯିବ ବୋଲି କୁହାଯାଇଛି। ଏଥିସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କୁ ଅବଗତ କରାଯାଇଥିଲା। ସମସ୍ୟାଗୁଡ଼ିକୁ ସମାଧାନ କରାଯିବ ବୋଲି ବିଧାୟକ ବଳ ପ୍ରତିଶ୍ରୁତି ଦେଇଛନ୍ତି।

## ସୋଲର ପଞ୍ଚାୟତରେ ୫ ଜଣଙ୍କୁ ଜମିପଟ୍ଟା ପ୍ରଦାନ

ଛତିଆ,୨୮।୮(ଡି.ଏନ୍.ଏ.)

ଧନ୍ୟବାଦ ଜଣାଇଲେ ପଞ୍ଚାୟତବାସୀ

ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ପଞ୍ଚାୟତ ଆଦିବାସୀ ହରିଜନ ସାହିରେ ବୁଧବାର ୫ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି। ଏ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସରକାର ଏବଂ ଯାଜପୁର ଜିଲାପାଳଙ୍କୁ ଧନ୍ୟବାଦ ଉଦ୍ଦେଶ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସମିତି ସଭ୍ୟ ସୁଧାଂଶୁଶେଖର ପ୍ରହରାଜଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ଏଥିରେ ସରପଞ୍ଚ ନୀଳମଣି ରାଉତ, ସମିତି ସଭ୍ୟ କ୍ଷେତ୍ରବାସୀ ବାରିକ, ନାଏବ ସରପଞ୍ଚ କଳ୍ପନା ମଲିକ, ଶିକ୍ଷାବିତ ଅରୁଣ କୁମାର ପ୍ରହରାଜଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ପଞ୍ଚାୟତର ଗରିବ ଆଦିବାସୀଙ୍କୁ ଜମି ପଟ୍ଟା ପ୍ରଦାନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଚିଠିକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ନେଇଥିବା ପଦକ୍ଷେପକୁ ସ୍ଥାନୀୟ ପ୍ରଶାସନ ବେଶ ଗୁରୁତ୍ୱ ଦେଇଥିବାରୁ ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ, ରାଜ୍ୟ ସରାକର, ଯାଜପୁର ଜିଲାପାଳ ପ୍ରମୁଖଙ୍କୁ ସୋଲର ସରପଞ୍ଚ, ସମିତି ସଭ୍ୟାସଭ୍ୟ, କର୍ମକର୍ତ୍ତା ଓ ଅଧିବାସୀ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ୫ ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରିଥିବାବେଳେ ବାଦ ପଡିଥିବା ଆହୁରି ୯୦ ଜଣ ଭୂମିହୀନ ଆଦିବାସୀଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଯଥାଶୀଘ୍ର ପଟ୍ଟା ପ୍ରଦାନ କରିବାକୁ ଉଦ୍ୟମ କରାଯିବା ନେଇ ଉଭୟ ସରପଞ୍ଚ ଓ ସମିତି ସଭ୍ୟ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି। ପ୍ରକାଶ ଯେ, ସୋଲର ପଞ୍ଚାୟତ ଆଦିବାସୀ ହରିଜନ ଓ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଜମିପଟ୍ଟା ପ୍ରଦାନ ନେଇ ୨୦୧୭ରୁ ବର୍ତ୍ତମାନ ପର୍ଯ୍ୟନ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ତହସିଲଦାର, ଜିଲାପାଳ, ଏମ୍‌ପି, ବିଧାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଏଥିସହ ସରପଞ୍ଚ ବଡ଼ଚଣା ଯୁବନେତା ଅମର ନାୟକଙ୍କ ସହିତ ଦିଲ୍ଲୀଯାଇ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ



ରସୁଲପୁର,୨୮।୮(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଇଚ୍ଛାପୁରଠାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହାର ମରାମତି ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଝଡ଼ବର୍ଷାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଧନଜୀବନ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ରହିଛି। କୁଆଖିଆ ବିଦ୍ୟୁତ ଖଣ୍ଡ ଅଧିନସ୍ଥ ମଠସାହି ସେକ୍ସନ ପକ୍ଷରୁ ଏହି ଗ୍ରାମକୁ ଏଲ୍‌ଟି ଲାଇନ ସଂଯୋଗ କରାଯାଇଛି। ଲୁହା ଖୁଣ୍ଟରେ ବିଦ୍ୟୁତ ତାର ଟଣା ଯାଇଛି। ଏହି ପୁରୁଣା ଖୁଣ୍ଟର କଳଙ୍କି ଲାଗି ଉଭୟ ପାର୍ଶ୍ୱ କଣା ହୋଇ ବିପଦ ସୃଷ୍ଟି ହୋଇଛି। ବିପଦ ସଙ୍କୁଳ ଅବସ୍ଥାରେ ଖୁଣ୍ଟଟି ରାସ୍ତା ପାର୍ଶ୍ୱରେ ରହିଛି। ନିକଟରେ ଇଚ୍ଛାପୁର ୟୁଜିଏମ୍‌ଇ ବିଦ୍ୟାଳୟ ଓ ହନୁମାନ ମନ୍ଦିର ରହିଛି। କୌଣସି ଅଘଟଣ ଘଟିବା ପୂର୍ବରୁ ଖୁଣ୍ଟକୁ ମରାମତି କରାଯାଉ, ନଚେତ୍ ନୂତନ ଖୁଣ୍ଟରେ ପରିବର୍ତ୍ତନ କରିବାକୁ ସାଧାରଣରେ ଦାବି ହେଉଛି। ଏଦିଗରେ ଉଚ୍ଚପଦସ୍ଥ ଅଧିକାରୀମାନେ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

ବିଞ୍ଝାରପୁର/ସିଂହପୁର, ୨୮।୮(ଡି.ଏନ୍.ଏ.)



ଜିଲାପାଳ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ପଞ୍ଚାୟତକୁ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ବୁଧବାର ପୂର୍ବାହ୍ନରେ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ସିଂହପୁର ପଞ୍ଚାୟତରେ ହୋଇଥିବା ସରକାରଙ୍କ ବିଭିନ୍ନ ଯୋଜନାରେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହିତ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସିଂହପୁର ପଞ୍ଚାୟତରେ ଜଳ ଯୋଗାଣ ପାଇଁ ନିର୍ମିତ ହୋଇଥିବା ବସୁଧା ପ୍ରକଳ୍ପ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହାପରେ ସିଂହପୁର ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଶକ୍ତିପୀଠ ମା' ଦରିଆ ନାହାକାଣୀ ପୀଠକୁ ଯାଇ ଜିଲାପାଳ ମା'ଙ୍କ ଦର୍ଶନ କରିବା ସହିତ ଏହି ପୀଠରେ ସରକାରଙ୍କ ଅର୍ଥ ବିନିଯୋଗରେ ନିର୍ମାଣ ହୋଇଥିବା କଲ୍ୟାଣମଣ୍ଡପ, ବୃକ୍ଷରୋପଣ, ଐତିହ୍ୟ ପଦ୍ମ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଆଦିକୁ ଅନୁଧ୍ୟାନ କରିଥିଲେ। ଏହାପରେ ଜିଲାପାଳ ସିଂହପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧକ୍ଷ ନନ୍ଦ କିଶୋର ସାମଲ, ଭାରାପ୍ରାପ୍ତ ବିଡିଓ ମିନତୀ ଜଗଦେବ, ସିଂହପୁର ପଞ୍ଚାୟତର ସରପଞ୍ଚ ରମାମଣୀ ସାହୁ, ଜିପିଓ ସତ୍ୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଜିଲାପାଳ ସିଂହପୁର ପଞ୍ଚାୟତରେ ହୋଇଥିବା ସମସ୍ତ କାର୍ଯ୍ୟର ନଥିପତ୍ର ଅନୁଧ୍ୟାନ କରିଥିଲେ। ସରକାରୀ ଯୋଜନାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର, ବାର୍ଦ୍ଧକ୍ୟ ଭତ୍ତା ଆଦି ଯୋଜନାଗୁଡିକ ଏହି ପଞ୍ଚାୟତରେ କିଭଳି କାର୍ଯ୍ୟକାରୀ ହେଉଛି ସେନେଇ ଅଧିକାରଙ୍କ ସହିତ ଆଲୋଚନା କରିଥିଲେ। ପଞ୍ଚାୟତର ଆୟ ବୃଦ୍ଧି କରିବା ନେଇ ବିଭାଗୀୟ ଅଧିକାରୀଙ୍କ ସହିତ ମଧ ଜିଲାପାଳ ଆଲୋଚନା କରିଥିଲେ। ମୁଖ୍ୟତ ସିଂହପୁର ପଞ୍ଚାୟତରେ ଅଧିକାଂଶ ଲୋକ ଚାଷ ଓ ଶ୍ରମଜିବୀ ହୋଇଥିବା ବେଳେ ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାରେ ଏଠାକାର ଲୋକଙ୍କୁ ପର୍ଯ୍ୟାପ୍ତ ପରିମାଣର କାର୍ଯ୍ୟ ଯୋଗାଇ ଦିଆଯିବା ସହିତ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବହୁ ଗଠନ ଓ ବିକାଶମୂଳକ ପ୍ରକଳ୍ପଗୁଡିକ ନିର୍ମାଣ ଉପରେ ଜିଲାପାଳ ବୈଠକରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସିଂହପୁର ପଞ୍ଚାୟତର ଶତାଧିକ ଲୋକେ ଜିଲାପାଳଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ଦୀର୍ଘ ଦିନରୁ ସିଂହପୁରଠାରେ ନିର୍ମିତ ଡାକ୍ତରଖାନାରେ ଡାକ୍ତର ନ ଥିବାରୁ ସ୍ଥାନୀୟ ଲୋକେ ନାହିଁ ନ ଥିବା ହଇରାଣ ହେଉଥିବା ଦର୍ଶାଇବା ସହ ତୁରନ୍ତ ଡାକ୍ତର ନିଯୁକ୍ତି ପାଇଁ ନିବେଦନ କରିଥିଲେ । ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଡାକ୍ତର ନିଯୁକ୍ତି ପାଇଁ ପଦକ୍ଷେପ ନେବାକୁ ଲୋକଙ୍କୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ପରେ ପ୍ରୀତିପୁରସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ଅପରାହ୍ନରେ ଫେରିଯାଇଥିଲେ। ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ବ୍ଲକର ଭାରପ୍ରାପ୍ତ ବିଡିଓ ମିନତୀ ଜଗଦେବ, ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ,ସିଂହପୁର ସରପଞ୍ଚ ରମାମଣୀ ସାହୁ, କନିଷ୍ଠ ଯନ୍ତ୍ରୀ କରୁଣାକର ପରିଡା, ବ୍ଲକ ପଞ୍ଚାୟତ ଅଧିକାରୀ ସତ୍ୟମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଗସ୍ତ ସମ୍ପର୍କରେ ଜିଲାପାଳ ଦାସଙ୍କୁ ପଚାରିବାରୁ ସେ କୁହନ୍ତି ଯେ ସରକାରୀ ଯୋଜନା ଗୁଡିକ କିଭଳି ଲୋକଙ୍କ ନିକଟରେ ପହଞ୍ଚୁଛି ତାହା ଅନୁଧ୍ୟାନ କରିବା ସହିତ ସାଧାରଣଲୋକଙ୍କ ସହିତ ଆଲୋଚନା ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି କହିଥିଲେ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ

# ନର୍ଦ୍ଦମା ପାଣିଘେରରେ ଅଙ୍ଗନୱାଡ଼ି କେନ୍ଦ୍ର

ରସୁଲପୁର,୨୮।୮(ଡି.ଏନ୍.ଏ.)

ସରକାରୀ ଯୋଜନା ବାଟବଣା ହେଉଛି। ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର, ଶ୍ମଶାନ, ଗୋଷ୍ଠୀ କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ପ୍ରଭୃତି ସ୍ଥାନକୁ ଉନ୍ନୟନ ଦିଗରେ ପ୍ରାଥମିକତା ଦେବାକୁ ବହୁବିଧ ସରକାରୀ ଯୋଜନା କାର୍ଯ୍ୟ କରୁଛି। ମାତ୍ର ଏଗୁଡ଼ିକର ସୁପରିଚାଳନାର ଅଭାବ ଯୋଗୁ ଯୋଜନା ବାଟବଣା ହେଉଛି। ବିଶେଷକରି ସରକାରୀ ଅର୍ଥକୁ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ଦିଗରେ ଖର୍ଚ୍ଚ କରାଯାଉଛି ବୋଲି ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ଅଙ୍ଗନୱାଡ଼ି କେନ୍ଦ୍ରକୁ ପକ୍କା ରାସ୍ତାଟିଏ ନ ଥିବାରୁ କର୍ମୀମାନେ କୋମଳମତି ଶିଶୁଙ୍କୁ ଟେକିଟେକି କେନ୍ଦ୍ରକୁ ନେଉଥିବା ଦୃଶ୍ୟରୁ ଏହା ସ୍ପଷ୍ଟ ବାରି ହୋଇପଡୁଛି। ଏଭଳି ଘଟଣା ଯାଜପୁର ଜିଲା ରସୁଲପୁର ବ୍ଲକର ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିନସ୍ଥ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର-୨ରେ ଦେଖାଯାଇଛି। ଏଠାରେ ସରକାରଙ୍କ ପକ୍ଷରୁ କେନ୍ଦ୍ର ପାଇଁ ଏକ ନୂତନ ଗୃହ ନିର୍ମାଣ ସରିଛି। ତେବେ ଏହି କେନ୍ଦ୍ରଟି ଅଧିକାଂଶ ସମୟ ନର୍ଦ୍ଦମା ପାଣି ଘରରେ ରହୁଛି। କେନ୍ଦ୍ରକୁ ସଂଯୋଗ କରୁଥିବା ଚଲା ରାସ୍ତା ଉପରେ ଆଣ୍ଠୁଏ ଲେଖାଏ ପାଣି ଜମି ରହୁଛି। ଯାଫଳରେ କେନ୍ଦ୍ରରେ ଅଧ୍ୟୟନରତ ପିଲା ଓ କର୍ମଚାରୀଙ୍କୁ ଯାତାୟତରେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ସ୍ଥିତି କୋମଳମତି ଶିଶୁମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏଦିଗରେ ବିଭାଗୀୟ ଅଧିକାରୀଙ୍କୁ କେନ୍ଦ୍ର ପକ୍ଷରୁ ଅବଗତ କରାଯାଉଥିବା କୁହାଯାଉଛି, ହେଲେ କୌଣସି ପ୍ରତିକାର ହେଉନାହିଁ। ଯାହାଫଳରେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ବେତଣ୍ଡା ଗ୍ରାମରେ ଅଙ୍ଗନୱାଡ଼ି ନଂ. ୧ ଓ ୨ ନାମରେ ଦୁଇଟି କେନ୍ଦ୍ର ରହିଛି। କେନ୍ଦ୍ର-୨ର ନିଜସ୍ୱ ଗୃହ ନିର୍ମାଣ ସରିଛି। ଏହି କେନ୍ଦ୍ରକୁ ଲାଗି କେନ୍ଦ୍ର-୧ର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଛି । ଉଭୟ କେନ୍ଦ୍ରର ପିଲା କେନ୍ଦ୍ର-୨ରେ ବସି ପାଠ ପଢୁଛନ୍ତି। କେନ୍ଦ୍ର ଦୁଇଟିର

## ବିଭାଗୀୟ ଅଧିକାରୀଙ୍କୁ ଅବଗତ ପରେ ବି ସୁଧୁରୁନି ଅବସ୍ଥା



ପିଲା ସଂଖ୍ୟା ୩୮ହୋଇଥିବାବେଳେ କେନ୍ଦ୍ର-୧ରୁ ୧୮ ଓ ୨ରୁ ୨୦ଜଣଙ୍କୁ ଶିଶୁ ଏଥିରେ ସାମିଲ ଅଛନ୍ତି। ଏହି କେନ୍ଦ୍ରରେ ପଢୁଥିବା ପିଲାମାନେ ଦୈନିକ ସକାଳ ୯ଟା ବିଦ୍ୟାଳୟକୁ ଆସି ଅପରାହ୍ଣ ୧ଟାରେ ମଧ୍ୟାହ୍ନ ଭୋଜନ ଖାଇ ଘରକୁ ଫେରୁଛନ୍ତି। ବର୍ଷାଦିନରେ କେନ୍ଦ୍ରର ଅବସ୍ଥା ବେହାଲ ହୋଇଯାଉଛି। ରାସ୍ତା ନ ଥିବାରୁ କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀମାନେ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶିଶୁଙ୍କୁ ନର୍ଦ୍ଦମା ସ୍ଥାନ ପାର କରିବା ପାଇଁ ସେମାନଙ୍କୁ ନାକେଦମ ହେବାକୁ ପଡୁଛି। କେନ୍ଦ୍ର ଚତୁଃପାର୍ଶ୍ୱରେ ଅନାବନା ଗଛ, ଘାସ ସହ ନର୍ଦ୍ଦମା ପାଣି ମଶା, ମାଛିଙ୍କ ବାସସ୍ଥଳି ପାଲଟିଛି। ଏଭଳି ଅସ୍ୱାସ୍ଥ୍ୟକର ପରିବେଶ ପିଲାମାନଙ୍କ ଉପରେ କୁପ୍ରଭାବ ପକାଉଛି। କେନ୍ଦ୍ରସ୍ଥିତିକୁ ଦେଖି ଅଭିଭାବକମାନେ ସେମାନଙ୍କ ଶିଶୁଙ୍କୁ କେନ୍ଦ୍ରକୁ ଛାଡ଼ିବା ପାଇଁ ଅମଙ୍ଗ ହେଉଛନ୍ତି। ବର୍ଷାଦିନ ଆସିଲେ ଏହା କେନ୍ଦ୍ର ପାଇଁ ଏକ ନିତିଦିନିଆ ଘଟଣା ବୋଲି କୁହାଯାଉଛି। ଏଦିଗରେ ଅଙ୍ଗନୱାଡି କେନ୍ଦ୍ର-୨ ଶିକ୍ଷୟିତ୍ରୀ ଦେବସ୍ମିନୀ ସେଠୀଙ୍କୁ ପଚାରିବାରୁ ବର୍ଷାଦିନରେ ଏଭଳି ସ୍ଥିତି ସେମାନଙ୍କ ପାଇଁ ସାଧାରଣ ଘଟଣା ବୋଲି ମତ ରଖିଥିବାବେଳେ ସେ ଏସମ୍ପର୍କରେ ସେକ୍ଟର ସୁପରଭାଇଜରଙ୍କୁ ଜଣାଇବା ସହ ସିଡିପିଓଙ୍କୁ ମଧ୍ୟ ଅବଗତ କରିଛନ୍ତି। ହେଲେ ରାସ୍ତା କେବେ ତିଆରି ହେବ ସେ ସମ୍ପର୍କରେ ଜାଣିନାହାନ୍ତି ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ତିନୋଟି ଗାଡ଼ି ମଧ୍ୟରେ ଧକ୍କା, ଜଳିଗଲା କାର

ଚଣ୍ଡିଖୋଲ,୨୮।୮(ଡି.ଏନ.ଏ): ୧୬ ନମ୍ବର ଜାତୀୟ ରାଜପଥରରେ ବଡ଼ଚଣା ଥାନା ବଡ଼ଚଣା ଛକ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ମଙ୍ଗଳବାର ବିଳମ୍ବିତ ରାତିରେ ୨ଟି ଟ୍ରକ ଓ ଏକ କାର ମଧ୍ୟରେ ଅଚାନକ ଧକ୍କା ହୋଇଥିଲା। ଫଳରେ କାରଟି ସମ୍ପୂର୍ଣ୍ଣ ଜଳିଯାଇଛି। ତେବେ କାରରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ପ୍ରକାଶ ଯେ, ମଙ୍ଗଳବାର ରାତିରେ ଚଣ୍ଡିଖୋଲରୁ କଟକ ଅଭିମୁଖେ ଯାଉଥିବା ଏକ ଟ୍ରେଲର (ପିବି ୦୨ଡିଏସ ୯୯୫୦) ଡ୍ରାଇଭରଙ୍କୁ ନିଦ ଲାଗିଯିବା କାରଣରୁ ୬ଲେନ ବିଶିଷ୍ଟ ରାସ୍ତା ପାର ହୋଇ ଅପର ପାର୍ଶ୍ୱରେ ଯାଉଥିବା ଟ୍ରକ (ଜିସି୦୬ଜି ଆର୫୭୭୨)କୁ ଧକ୍କା ଦେଇଥିଲା। ଏହି ସମୟରେ ଭୁବନେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିବା କାର (ଓଡି୨୨ଏନ୯୬୯୬) ଟ୍ରକ ପଛରେ ପିଟି ହୋଇଯାଇଥିଲା। ଫଳରେ କାରଟି ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା। କାର ଭିତରେ ଫସି ରହିଥିବା ଯାତ୍ରୀ ଓ ଚାଳକ ଜୀବନ ବଞ୍ଚାଇବାକୁ ଯାଇ କାରର ପଛପଟ କାଚ ଭାଙ୍ଗି ବାହାରକୁ ବାହାରିକି ପଳାଇ ଆସିଥିଲେ। କାରଟି ରାସ୍ତା ଉପରେ ହୁତୁହୁତୁ ହୋଇ ଜଳୁଥିବା ଦେଖି ବଡଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚଣ୍ଡିଖୋଲ ଦମକଳ ବାହିନୀକୁ ଡାକିଥିଲେ। ପରେ ଦମକଳ କର୍ମଚାରୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ପୋଲିସ ଏକ ମାମଲା (ନଂ.୧୯୦/୧୯) ରୁଜୁ କରି ଏ ସମ୍ପର୍କରେ ତଦନ୍ତ ଚଳାଇଛି।

### ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ଉଦ୍‌ଘାଟିତ

ଯାଜପୁର ଟାଉନ,୨୮।୮(ଡିଏନଏ): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଅଧୀନ ଷ୍ଟେଟ୍ ଇନଷ୍ଟିଚ୍ୟୁଟ ଅଫ୍ ରୁରାଲ ଡେଭେଲପମେଣ୍ଟ (ଏସ୍‌ଆଇଆର୍‌ଡି) ପକ୍ଷରୁ ଏକ ଜିଲାସ୍ତରୀୟ ପଞ୍ଚାୟତ ସାଧନ କେନ୍ଦ୍ର (ଡିପିଆରସି)କୁ ବୁଧବାର ଉଦ୍‌ଘାଟନ କରାଯାଇଛି। ଯାଜପୁର ବ୍ଲକ ପରିସରରେ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ସ୍ଥାନୀୟ ବିଧାୟକ ପ୍ରଣବ ପ୍ରକାଶ ଦାସ, କୋରେଇ ବିଧାୟକ ଅଶୋକ ବଳ, ବରୀ ବିଧାୟିକା ସୁନନ୍ଦା ଦାସ, ଜିଲାପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ଜିଲାପାଳ ରଞ୍ଜନ କୁମାର ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ବିଡିଓ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ଏଠାରେ ନିୟମିତଭାବେ ବେକାର ଯୁବତୀଯୁବକଙ୍କୁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦିଆଯିବା ସହିତ ପଞ୍ଚାୟତିରାଜ ବିଭାଗର ସମସ୍ତ ପ୍ରକାର କର୍ମଶାଳା ଓ ତାଲିମ ଶିବିର ମଧ୍ୟ ଏଠାରେ ଆୟୋଜିତ ହୋଇପାରିବ। ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ଆଦିକନ୍ଦ ସନ୍ଧିବିଗ୍ରହ, ମଧୁସ୍ମିତା ଧଳ, ସହକାରୀ ଯନ୍ତ୍ରୀ ସରୋଜ କୁମାର ରାଉତ, ଦୀପକ କୁମାର ଆଚାର୍ଯ୍ୟ, ଗୋବିନ୍ଦ ମାଝୀ, ଡିଇଓ ଚିତ୍ତ ରଞ୍ଜନ ସାହୁ ଓ ଅମର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଯୁବକ କୋର୍ଟଚାଲାଣ

କଳିଙ୍ଗନଗର,୨୮।୮(ଡି.ଏନ୍.ଏ.): ଦାନଗଦୀ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଫେରାର ଥିବା ଅଭିଯୁକ୍ତକୁ ବୁଧବାର ଫାଣ୍ଡି ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଦାନଗଦୀ ବ୍ଲକ କୁମ୍ଭୀରଗାଡିଆ ପଞ୍ଚାୟତ ଛତ୍ରକଣ ଗ୍ରାମର ମଳୟ ପାତ୍ର(୩୦)। ପ୍ରକାଶ ଯେ, ଗତ ୨୦୧୮ ଡିସେମ୍ବର ୫ରେ ମଳୟ ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ। ହେଲେ ଅପହରଣର ୫ ଦିନ ପରେ ନାବାଳିକାଙ୍କୁ ଛାଡି ଫେରାର ହୋଇଯାଇଥିଲେ। ନାବାଳିକା ଜଣକ ଘରେ ପହଞ୍ଚିବା ପରେ ମା' ବାପାଙ୍କୁ ସମସ୍ତ ଘଟଣା କହିଥିଲେ। ବାପା ଦାନଗଦୀ ଆଉଟ ପୋଷ୍ଟରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୨୩୬/୧୮)ରୁଜୁକରି ତଦନ୍ତ ଚଳାଇଥିଲା। କିଛିଦିନ ହେବ ନିକଟସ୍ଥ ମୈଥାନ କାରଖାନାର ଠିକାସଂସ୍ଥାରେ ମଳୟ କାମକରୁଥିବା ଫାଣ୍ଡି ଅଧିକାରୀ ଗୋବର୍ଦ୍ଧନ ନାୟକ ଖବର ପାଇ ବୁଧବାର ସକାଳେ କାରଖାନା ଫାଟକ ନିକଟରୁ ତାଙ୍କୁ ଗିରଫ କରିଥିଲେ। ମଳୟଙ୍କର ଡାକ୍ତରୀ ମାଇନା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି ।

## ସୁପରଭାଇଜରଙ୍କୁ ମାଡ଼ମାରି ଟଙ୍କା, ସୁନା ଲକେଟ ଲୁଟ୍

କଳିଙ୍ଗନଗର,୨୮।୮(ଡି.ଏନ୍.ଏ.)

ଯଖପୁରା ଥାନା ଅନ୍ତର୍ଗତ ମାନ୍ତିରା ଗ୍ରାମରେ ନିର୍ମାଣାଧୀନ ଏକ ଜିଓ ଟାୱାର ସୁପରଭାଇଜରଙ୍କୁ ବୁଧବାର ମରଣାନ୍ତକ ଆକ୍ରମଣ ହୋଇଛି। ଦୁର୍ବୃତ୍ତମାନେ ତାଙ୍କୁ ମାଡ଼ମାରି ଟଙ୍କା ଓ ସୁନା ଲକେଟ ଛଡାଇ ନେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗ୍ରାମରେ ଜିଓ କମ୍ପାନୀ ପକ୍ଷରୁ ଟାୱାର ନିର୍ମାଣ କରାଯାଉଛି। ବୁଧବାର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଗ୍ରାମର ପ୍ରଭୁପ୍ରିୟ ସାମଲ ଓରଫ ବୁବୁ (୨୦), ବିଶ୍ୱଜିତ ଘଡାଇ (୨୪) ,ସାଗର ଘଡାଇ (୧୯) ୧ ଲକ୍ଷ ଟଙ୍କା ଚାନ୍ଦା ଦେବାକୁ ମାଗିଥିଲେ। ଏଥିରେ ସୁପରଭାଇଜର ଅଜିତ କୁମାର ସାମଲ ଅରାଜି ହେବାରୁ ତାଙ୍କୁ ସାବଳ ଓ ଫାଉଡାରେ ଆକ୍ରମଣ କରି ଶ୍ରମିକଙ୍କୁ ମଜୁରି ଦେବା ପାଖରେ ଥିବା ଟଙ୍କା ସହିତ ପିନ୍ଧି ଥିବା ଏକ ସୁନା ଲକେଟକୁ ଛଡେଇ ନେଇଥିଲେ। ଏହି ସମୟରେ ଗ୍ରାମବାସୀ ପହଞ୍ଚି ଅଜିତଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସିତ ହେବା ପରେ ଏ ବାବଦରେ ଯଖପୁରା ଥାନାରେ ଅଭିଯୋଗ କରିଥିଲେ।

## ଛାତ୍ର ସଂସଦ ନିର୍ବାଚନ ବନ୍ଦ ବିରୋଧରେ ବିକ୍ଷୋଭ

ଯାଜପୁର ଟାଉନ,୨୮।୮(ଡିଏନଏ)

ଅଲ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ଏନ୍.ସି. ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଛାତ୍ର ସଂସଦ ନିର୍ବାଚନ ବାତିଲ ବିରୋଧରେ ବୁଧବାର କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଗଣତାନ୍ତ୍ରିକଭାବେ କଲେଜ ନିର୍ବାଚନକୁ ଉଚ୍ଛେଦ କରି ସିଲେକ୍ସନ୍ ପ୍ରକ୍ରିୟା ରାଜ୍ୟ ସରକାରଙ୍କର ଅତ୍ୟନ୍ତ ନିନ୍ଦନୀୟ ପଦକ୍ଷେପ ବୋଲି କହିଥିଲେ। ଏଆଇଡିଏସ୍‌ଓ ଜିଲା ସଭାପତି ସଂଯୁକ୍ତା ସାହୁ ଓ ସମ୍ପାଦିକା ଦମୟନ୍ତୀ ମୁଦୁଲୀ କହିଛନ୍ତି ଯେ, ପ୍ରଥମେ ଲିଙ୍ଗଡ଼ୋ କମିଟି ସୁପାରିଶ ଜରିଆରେ ପ୍ରଚାର ସମୟ କମାଯିବା ତଥା ବିଭିନ୍ନ କଟକଣା ଲାଗୁ କରାଯିବା ମଧ୍ୟଦେଇ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିବା ପାଇଁ ୨୦୦୬ରୁ ଉଦ୍ୟମ ହୋଇଆସୁଥିଲା। ନାନା କଟକଣା ଜରିଆରେ ନୋମିନେଶନ୍ ପତ୍ର ବାତିଲ କରାଯାଇ ଛାତ୍ରୀଛାତ୍ରଙ୍କୁ ଲଢ଼େଇ କରିବାର ଅଧିକାରରୁ ବଞ୍ଚିତ କରାଯାଉଥିଲା । ଛାତ୍ରନେତା ହେବା ପାଇଁ ସାମାଜିକ ଅଙ୍ଗୀକାରବଦ୍ଧତା ସେବା ମନୋବୃତ୍ତି ତଥା ଅନ୍ୟାୟ ବିରୋଧରେ ଲଢ଼ିବାର ମାନସିକତା ଦରକାର ଥିବାବେଳେ ଲିଙ୍ଗଡ଼ୋ ସେସବୁକୁ ଗୁରୁତ୍ୱ ନଦେଇ କେବଳ କେତେକ ଅଦରକାରୀ ଓ ଅବାସ୍ତବ କଟକଣା ଲାଗୁ କରିଥିଲା ଓ ସେହି କଟକଣା ପାଳନ ହେଉ ନ ଥିବା ଆଳରେ ଛାତ୍ର ସଂସଦ ନିର୍ବାଚନ ବାତିଲ କରାଯାଉଥିଲା। ବର୍ତ୍ତମାନର ଛାତ୍ର ସଂସଦ ନିର୍ବାଚନ ବନ୍ଦ ନିଷ୍ପତ୍ତି ସେହି ପ୍ରକ୍ରିୟାର ଧାରାବାହିକତା। ଛାତ୍ର ସଂସଦ ଗଠନ କରିବା ଛାତ୍ରୀଛାତ୍ରଙ୍କର ଗଣତାନ୍ତ୍ରିକ ଅଧିକାର। ଶିକ୍ଷାନୁଷ୍ଠାନଗୁଡ଼ିକରେ ଦେଖାଦେଉଥିବା ସମସ୍ୟା ସମ୍ପର୍କରେ କର୍ତ୍ତୃପକ୍ଷ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିର୍ବାଚନ ଏକ ମାଧ୍ୟମ। ଏହି ନିଷ୍ପତ୍ତି ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ଶିକ୍ଷା ସ୍ୱାର୍ଥ ବିରୋଧୀ ବୋଲି ଏଆଇଡିଏସ୍‌ଓ ଏନ୍‌ସି(ଅଟୋ) କଲେଜ କମିଟି ସେକ୍ରେଟାରୀ ସସ୍ମିତା ଜେନା କହିଛନ୍ତି। ଉକ୍ତ ସଭାରେ ଜିଲା ସହସମ୍ପାଦିକା ସସ୍ମିତା ଜେନା, ଜିଲା ଉପସଭାପତି ବିଚିତ୍ରାନନ୍ଦ ଦାସ ଏବଂ ଛାତ୍ରନେତା ରାଜେନ୍ଦ୍ର ସାହୁ, ସୁମନ ଦୁବେ, ସୁବାସ ଜେନା, ରାଜୁ ଜେନା, ଶୁଭଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।




ଛାତ୍ରୀଛାତ୍ରମାନେ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଅବକାରୀ ଚଢ଼ାଉ ,୪ ଗିରଫ

ଧର୍ମଶାଳା,୨୮।୮(ଡି.ଏନ୍.ଏ.)

ଯାଜପୁର ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ଅବକାରୀ ବିଭାଗ ପକ୍ଷରୁ ବୁଧବାର ୪ଟି ସ୍ଥାନରେ ଚଢାଉ କରାଯାଇଛି। ଏହି ସମୟରେ ବିପୁଳ ପରିମାଣର ମହୁଲି ଓ ଆସ୍କାଫଟି ମଦ ଜବତ କରିବା ସହ ୪ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ରଜତ କୁମାର ପ୍ରହରାଜଙ୍କ ନିର୍ଦ୍ଦେଶ କ୍ରମେ ଧର୍ମଶାଳା ଅବକାରୀ ଅଧିକାରୀ ଲକ୍ଷ୍ମଣ ଦାସ, ଏଏସ୍‌ଆଇ ଚକ୍ରଧର ଦାସ ଓ ସହକର୍ମୀଙ୍କ ସହିତ ଆରୁହା ବଜାରରେଥିବା ବାପି ସିଂ(୨୬)ଙ୍କ କ୍ୟାବିନ ଉପରେ ଚଢାଉ କରି ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ପରେ ଭଡଙ୍ଗାସ୍ଥିତ ବନବିହାରୀ ମହାନ୍ତିଙ୍କ ଦୋକାନ, ଶାସନ ପୁରସ୍ତମପୁର ଗ୍ରାମର ଲକ୍ଷ୍ମଣ ସିଂ ଓ କେଶରପଡା ଗ୍ରାମର ଚଇନି ସାମଲଙ୍କ କ୍ୟାବିନରୁ ଦେଶୀ ମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ଏ ନେଇ ୪ ପୃଥକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

## ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

ଯାଜପୁର ଟାଉନ,୨୮।୮(ଡିଏନଏ)

### ୫ମ ସାଧାରଣ ପରିଷଦ ବୈଠକ

ଯାଜପୁର ବ୍ଲକର ୫ମ ସାଧାରଣ ପରିଷଦ ବୈଠକ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ୫-ଟି ଅଭିଯାନ ସାଙ୍ଗକୁ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପଞ୍ଚସୂତ୍ରୀ କାର୍ଯ୍ୟକ୍ରମ ଉପରେ ବୈଠକରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ସରକାରଙ୍କ ଯୋଜନାଗୁଡିକର ସଫଳ ରୂପାୟନ, ଏଥିରେ ସ୍ୱଚ୍ଛତା ଓ ସମୟସୀମା ମଧ୍ୟରେ ସମସ୍ତ ପ୍ରକଳ୍ପ କାର୍ଯ୍ୟ ଏବଂ ଯୋଜନାଗୁଡିକୁ ସାରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଅନେକ କର୍ମଚାରୀଙ୍କ କାମରେ ଢିଲାପଣ ଯୋଗୁ ବିଭିନ୍ନ ସ୍ଥାନରେ ଯୋଜନାଗୁଡିକ ରୂପାୟନ ହେବାରେ ବ୍ଲକ ପଛରେ ପଡିଯାଉଛି। ଏହାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ବିଡିଓ ସୌରଭ ଚକ୍ରବର୍ତ୍ତୀ କହିଥିଲେ। ବୈଠକରେ ମୁଖ୍ୟଅତିଥି ଭାବେ ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ ପରିଚାଳିତ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଆହୁରି ଶୃଙ୍ଖଳିତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ଜିଲାପରିଷଦ ସଭ୍ୟା ମଧୁସ୍ମିତା ଧଳ, ଆଦିକନ୍ଦ ସନ୍ଧିବିଗ୍ରହ, ସହକାରୀ ଯନ୍ତ୍ରୀ ସରୋଜ କୁମାର ରାଉତ, ଆକାଉଣ୍ଟାଣ୍ଟ ଚନ୍ଦ୍ରହାସ୍ୟ ନାୟକ ପ୍ରମୁଖ ଯୋଗଦେଇ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେହିଭଳି ବ୍ଲକ ଶିକ୍ଷାଧିକାରୀ ସ୍ମୃତିରେଖା ନାୟକ ସମସ୍ତ ପଞ୍ଚାୟତଗୁଡିକରେ ଚାଲିଥିବା ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ରଖିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ ପରେଶ ବିଶ୍ୱାଳ, ଅଶ୍ୱିନୀ ବିଶ୍ୱାଳ, ନନ୍ଦ କିଶୋର ସାହୁ, ସୁରେଶ ଚନ୍ଦ୍ର ଦଳାଇ, ସୁଧାଂଶୁ ଆଚାର୍ଯ୍ୟ, ଝରଣା ସେଠୀ ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିବାବେଳେ ମାଳଆନନ୍ଦପୁର ସମିତିସଭ୍ୟ ରାଜକିଶୋର ସ୍ୱାଇଁ ନିଜ ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳରେ ବର୍ଷାଦିନରେ ମଧ୍ୟ ପାନୀୟଜଳ ସଙ୍କଟ ସମ୍ପର୍କରେ ଆଲୋଚନା କରିଥିଲେ।

# ହ୍ୟାଣ୍ଡବଲ ଖେଳର ଏନ୍ତୁଡ଼ିଶାଳ ଛତିଆ

ଅଗଷ୍ଟ ୨୯ ହେଉଛି ବିଶ୍ୱ କ୍ରୀଡା ଦିବସ। ସମଗ୍ର ବିଶ୍ୱରେ ଖେଳକୁ ନେଇ ପ୍ରତିଯୋଗିତା ଜୋରଦାର ଚାଲିଥିଲାବେଳେ ଅଲମ୍ପିକ୍‌ରେ ବିଭିନ୍ନ ଖେଳ ସ୍ଥାନ ପାଇଥାଏ। ସେଠାରୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜପଦକ ଜିତି ବିଜେତାମାନେ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଥାନ୍ତି। ସେହିପରି ଫୁଟ୍‌ବଲ୍ ଓ କ୍ରିକେଟ ଖେଳର ଚାହିଦା ସର୍ବାଧିକ ବୃଦ୍ଧି ପାଇଛି। ଦେଶ ତଥା ସାରା ବିଶ୍ୱରେ ଏହି ଖେଳଗୁଡିକର ପ୍ରଶଂସକ ଓ ଦର୍ଶକ ବହୁମାତ୍ରାରେ ରହିଛନ୍ତି। ଏହା ମଧ୍ୟରେ ହ୍ୟାଣ୍ଡବଲ ଖେଳ ଅନନ୍ୟ। ଅଲମ୍ପିକରେ ଏହି ଖେଳ ଥିବାବେଳେ ଏସିଆନ୍ ଗେମ୍ ଓ କମନ୍ ୱେଲ୍‌ଥ ଗେମ୍‌ରେ ଖେଳାଳିମାନେ ଭାଗନେଇ ଦେଶ ଓ ଜାତି ପାଇଁ ଗୌରବ ଆଣିଛନ୍ତି। ଅଦ୍ୟାବଧି ଭାରତ ବର୍ଷ ହ୍ୟାଣ୍ଡବଲରେ ଅଲମ୍ପିକ୍‌ରେ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିପାରି ନାହିଁ। ବିନା ପ୍ରଶିକ୍ଷଣ ଓ ଆର୍ଥିକ ସହାୟତା ବିନା ଯାଜପୁର ଜିଲାର ଛତିଆଠାରେ ଏହି ଖେଳ ଦୀର୍ଘ ୨୫ବର୍ଷ ହେଲା ଲଗାତାର ଚାଲିଛି। ଏଠାରୁ ଶହଶହ ସଂଖ୍ୟାରେ ଖେଳାଳି ଜାତୀୟ ଓ ଅର୍ନ୍ତଜାତୀୟସ୍ତରରେ ଖେଳି ସୁନାମ ଅର୍ଜନ କରିଛନ୍ତି। ସେଥିପାଇଁ ଛତିଆକୁ ହ୍ୟାଣ୍ଡବଲ ଖେଳର ଏନ୍ତୁଡ଼ିଶାଳ କୁହାଯାଏ।

ଛତିଆରୁ ଖେଳ ଆରମ୍ଭ କରିଥିବା ବିପ୍ଳବ ବିଶ୍ୱାଳ ଇତି ମଧ୍ୟରେ ଏସିଆନ୍ ଗେମ୍‌ରେ ଖେଳି ସାରିଛନ୍ତି। ମାତ୍ର ୧୮ବର୍ଷରେ ପାଦ ଥାପିଥିବା ବିପ୍ଳବ ଜୁନିଅର ଟିମ୍‌ରେ ଖେଳି ଜାତୀୟ ଓ ଅର୍ନ୍ତଜାତୀୟସ୍ତରରେ ସୁନାମ ଆଣିଛନ୍ତି। ଆମ ଦେଶର ଜଣେ ଯୁବ କ୍ରୀଡାବିତଭାବେ ଭାରତ ତରଫରୁ ଯୋଡାନ୍ ଓ ଥାଇଲାଣ୍ଡରେ ପ୍ରତିନିଧିତ୍ୱ କରି ଏହି ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ସେହିଭଳି ଏଠାରୁ ଭବାନୀ ଶଙ୍କର ମହାପାତ୍ର, ହରିହର ବିଶ୍ୱାଳ, ଜିତେନ୍ଦ୍ର ଜେନା, ରାଜେଶ ନାଥ, ପ୍ରଭଞ୍ଜନ ମହାରଣା, ସଞ୍ଜୟ ସିଂ, ରାକେଶ ନାଥ, ତାପସ କୁମାର ବଳ ପ୍ରମୁଖ ଜୁନିଅର ଓ ସିନିଅର ବିଭାଗରେ ବିଭିନ୍ନ ରାଜ୍ୟରେ ଓଡ଼ିଶାର ପ୍ରତିନିଧିତ୍ୱ କରି ଟ୍ରଫି ଓ ମାନପତ୍ର ପାଇସାରିଛନ୍ତି। ମହିଳା ଖେଳାଳି ଭାବେ ଜୁନିଅର ଓ ସିନିଅର ବିଭାଗରେ ମଧୁସ୍ମିତା ନନ୍ଦ, କୁସୁମିତା ଖୁଣ୍ଟିଆ, ଜୟନ୍ତୀ ବିଶ୍ୱାଳ, ସିପ୍ରା ଲେଙ୍କା, ରେଣୁବାଳା ପାହିଲ, ସ୍ୱର୍ଣ୍ଣଲତା ପ୍ରଧାନ, ମାନିନୀ ନାୟକ ପ୍ରମୁଖ ଜାତୀୟସ୍ତରର ଖେଳାଳିଭାବେ ସୁନାମ ଅର୍ଜନ କରିଛନ୍ତି। ଗାଁ ମାଟିରେ ଜନ୍ମନେଇ କୌଣସି ଭିତ୍ତିଭୂମି ନଥିବା ସ୍ଥାନରେ ଏମାନେ ଖେଳିବା ସହ ବିନା ପ୍ରଶିକ୍ଷଣରେ ବିଭିନ୍ନ ରାଜ୍ୟରେ ଖେଳି ଜାତୀୟସ୍ତରର ଖେଳାଳି ଭାବେ ମାନ୍ୟତା ହାସଲ କରିଛନ୍ତି। ୧୬ବର୍ଷରୁ କମ୍ ଆନ୍ତଃ ସ୍କୁଲ ଏବଂ ଆନ୍ତଃ କଲେଜ ଓ ଆନ୍ତଃ ବିଶ୍ୱ ବିଦ୍ୟାଳୟସ୍ତରରେ ଖେଳି ରାଜ୍ୟ ସଂଘ ତରଫରୁ ବିଭିନ୍ନ ରାଜ୍ୟରେ ଖେଳିବାର ସୁଯୋଗ ପାଇଛନ୍ତି। ୧୯୯୪ରୁ ଏଠାରେ ଯାଜପୁର ଜିଲା ହ୍ୟାଣ୍ଡବଲ ଆସୋସିଏଶନ୍ ତିଆରି କରି ଏହା ମଧ୍ୟରେ ୨୫ବର୍ଷ ପୂରଣ କରିବାକୁ ଯାଉଛି। ଖୁବ୍‌ଶୀଘ୍ର ଆସନ୍ତା ଅକ୍ଟୋବରରେ ସଂଘ ତରଫରୁ ରୌପ୍ୟ ଜୟନ୍ତୀ ପାଳନ କରାଯିବ ବୋଲି ଜିଲା ପ୍ରଶାସନ ଘୋଷଣା କରିବା ସହ ଲୋଗୋ ଉନ୍ମୋଚନ କରିସାରିଛି। ତେବେ ଅଦ୍ୟାବଧି ଛତିଆରୁ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଖେଳି ଚାଲିଥିଲାବେଳେ ସେମାନଙ୍କ ମଧ୍ୟରୁ ୧୦୦ରୁ ଊର୍ଦ୍ଧ୍ୱ ଖେଳାଳି ବିଭିନ୍ନ ସ୍ଥାନରେ ନିଯୁକ୍ତି ପାଇ ସାରିଲେଣି। ରାଜ୍ୟ ପୋଲିସ୍‌ଠାରୁ ଆରମ୍ଭ କରି ସିଆରପିଏଫ, ବିଏସ୍‌ଏଫ, ସହକ୍ରୀଡା ଶିକ୍ଷକ ଭାବେ ଜିଲା ଓ ଜିଲା ବାହାରେ ବହୁ ବିଦ୍ୟାଳୟରେ ନିଯୁକ୍ତି ପାଇଛନ୍ତି। ତେବେ ଅଲମ୍ପିକ୍‌ରେ ଖେଳାଯାଉଥିବା ଏହି ଖେଳ ପ୍ରତି ସରକାରଙ୍କର ଦରଦ ନାହିଁ। ଏଠାରେ ଦୀର୍ଘ ୮ବର୍ଷ ତଳୁ ଆରମ୍ଭ କରାଯାଇଥିବା ଏକ ବ୍ଲକସ୍ତରୀୟ ମିନିଷ୍ଟାଡିୟମ ଅଦ୍ୟାବଧି ଶେଷ ହୋଇପାରି ନାହିଁ। ପିଲାଙ୍କର ଆବଶ୍ୟକ ଥିବା ପୋଷାକ, ଜୋତା, ଖେଳ ସାମଗ୍ରୀ କିମ୍ବା କୋଚ୍ ସରକାରଙ୍କ ତରଫରୁ ଦିଆଯାଇ ନାହିଁ। ମାତ୍ର ନିଜସ୍ୱ ଉଦ୍ୟମରେ ସେମାନେ ଜାତୀୟ ଓ ଅର୍ନ୍ତଜାତୀୟସ୍ତରରେ ପହଞ୍ଚି ଖେଳି ସାରିଲେଣି। ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରି ଜଣେ ଜଣେ ଭଲ ଖେଳାଳି ହୋଇପାରିଛନ୍ତି। ରାଜ୍ୟ ସରକାର ଏହି ଖେଳ ପାଇଁ ୧୯୯୪ ମସିହାରେ ୩ଜଣ କୋଚ ନିଯୁକ୍ତ କରିଥିଲେ। ଦୀର୍ଘ ୧୦ବର୍ଷ ହେବ ରାଜ୍ୟରେ କୌଣସି କୋଚ୍ ନାହାନ୍ତି। କେବଳ ଯାଜପୁର ନୁହେଁ, କେନ୍ଦୁଝର, ଢେଙ୍କାନାଳ, କଟକ, ଜଗତସିଂହପୁର, ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧାରେ ଏହି ଖେଳ ଖେଳା ଯାଉଥିବାବେଳେ ସରକାରଙ୍କ ତରଫରୁ କୌଣସି ସ୍ଥାନରେ ଖେଳାଳିଙ୍କୁ ପ୍ରୋତ୍ସାହନ ଦିଆଯାଉ ନାହିଁ। ଯାହାକୁ ନେଇ ଖେଳାଳିଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧିବାରେ ଲାଗିଛି। ଏହି ଖେଳ ପାଇଁ ଖେଳ ପଡ଼ିଆର ଜରୁରୀ ଆବଶ୍ୟକତା ଥିବାବେଳେ ଖେଳାଳିଙ୍କ ପାଇଁ କ୍ରୀଡ଼ା ଶିକ୍ଷକ ଓ କ୍ରୀଡା ଛାତ୍ରାବାସର ନିହାତି ଆବଶ୍ୟକତା ରହିଛି। ଆବଶ୍ୟକତା ପୂରଣ ହେଲେ ଖେଳାଳିମାନେ ଜାତୀୟ ଓ ଅର୍ନ୍ତଜାତୀୟସ୍ତରରେ ଭଲ ପ୍ରଦର୍ଶନ କରିପାରିବେ ବୋଲି ମତ ପୋଷଣ କରିଛନ୍ତି।




### ବିନା ପ୍ରୋତ୍ସାହନରେ ସୃଷ୍ଟି ହୋଇଛନ୍ତି ଜାତୀୟ, ଅର୍ନ୍ତଜାତୀୟ ଖେଳାଳି

**ଆଜି ବିଶ୍ୱ କ୍ରୀଡ଼ା ଦିବସ**

### ଏମାନଙ୍କ ମୁହଁରୁ...



ହ୍ୟାଣ୍ଡବଲ ଏକ ସୁନ୍ଦର ଖେଳ। ଏଥିରେ ପ୍ରୋତ୍ସାହନ ଅଭାବ ଯୋଗୁ କ୍ରୀଡାବିତ୍‌ମାନେ ଆଗକୁ ଯାଇପାରୁ ନାହାନ୍ତି । ଅନ୍ୟଦେଶରେ ଏହି ଖେଳ ପ୍ରତି ଯେତିକି ଗୁରୁତ୍ୱ ଦିଆଯାଉଛି, ଭାରତରେ ସେତିକି ଦିଆଯାଉ ନାହିଁ। ମୁଁ ଥାଇଲାଣ୍ଡ ଓ ଜୋଡାନ ଯାଇ ଦେଶ ତରଫରୁ ଖେଳି ସାରିଥିଲାବେଳେ ଏଠାରେ ଖେଳ ପ୍ରତି ଆନ୍ତରିକତା ଅଭାବ ପରିଲକ୍ଷିତ ହେଉଛି। ପ୍ରତ୍ୟେକ ଖେଳ ପାଇଁ ଗ୍ରାଉଣ୍ଡ, କୋଚ୍ କ୍ରୀଡା ଛାତ୍ରାବାସର ଆବଶ୍ୟକତା ରହିଛି। ମୁଁ ଦିଲ୍ଲୀର ଏକ ହଷ୍ଟେଲରେ ରହି ପ୍ରଶିକ୍ଷଣ ନେଇଥିଲି ବୋଲି ଅର୍ନ୍ତଜାତୀୟ ଖେଳ ଖେଳିପାରିଲି।

**-ବିପ୍ଳବ ବିଶ୍ୱାଳ, ଅର୍ନ୍ତଜାତୀୟ ହ୍ୟାଣ୍ଡବଲ ଖେଳାଳି**



ବିଭିନ୍ନ ପ୍ରକାର ଅସୁବିଧା ଦେଇ ଛତିଆଠାରେ ଆମ ଖେଳ ଜୀବନ ଆରମ୍ଭ କରିଛୁ। ଆମର ଅଗ୍ରଜ ଖେଳାଳିମାନେ ଆମକୁ ପ୍ରଶିକ୍ଷଣ ଦେଇଛନ୍ତି। କୌଣସି ସରକାରୀ ସହାୟତା ବିନା ଦିଲ୍ଲୀ, ହରିଆଣା, କର୍ଣ୍ଣାଟକ ଓ ମହାରାଷ୍ଟ୍ରରେ ଓଡିଶା ତରଫରୁ ଜୁନିଅର ଖେଳାଳି ଭାବେ ଖେଳି ସାରିଛି। ତେବେ ଏଠାରେ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଛି। ଏଥିସହ ଏହି କ୍ରୀଡ଼ାର ଅଧିକ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି।

**-ଜୟନ୍ତୀ ବିଶ୍ୱାଳ, ମହିଳା ଜାତୀୟ କ୍ରୀଡାବିତ୍**



ବିଦ୍ୟାଳୟରେ ପଢୁଥିଲାବେଳେ ହ୍ୟାଣ୍ଡବଲ ଖେଳ ଆରମ୍ଭ କରିଥିଲି। ଏଠାରେ ଆଜି ପର୍ଯ୍ୟନ୍ତ ଖେଳ ପଡିଆଟିଏ ତିଆରି ହୋଇପାରିଲା ନାହିଁ। ତଥାପି ଆମେ କଲେଜ ଓ ସ୍କୁଲ ପଡିଆରେ ଖେଳି ରାଜ୍ୟ ତରଫରୁ ମହାରାଷ୍ଟ୍ର, ତାମିଲନାଡୁ, ବିହାର ଓ ଆସାମ୍‌ରେ ଖେଳି ସାରିଲୁଣି। ଏହି ଖେଳକୁ ଯଦି ଖେଳ ପଡ଼ିଆ ଓ ଖେଳ ସାମଗ୍ରୀ ଯୋଗାଇ ଦିଆଯାଆନ୍ତା ତେବେ ଦେଶ ବାହାରେ ଆମେ ସୁନାମ ଅର୍ଜନ କରନ୍ତୁ।

**-ସିପ୍ରା ଲେଙ୍କା, ଜାତୀୟ ଖେଳାଳି**



୧୯୯୪ ମସିହାରୁ ଏଠାରେ ଖେଳ ଆରମ୍ଭ କରି ରେଜିଷ୍ଟ୍ରେଶନ୍ ହୋଇଥିଲେ ମଧ୍ୟ କୌଣସି ସରକାରୀ ସହାୟତା ମିଳି ନ ଥାଏ। ଆମେ ନିଜେ ଖେଳିବା ସହିତ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏଠାରୁ ବାହାର କରିସାରିଛୁ। ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ପାଳନ କରିବା ସହ ବିଭିନ୍ନ ରାଜ୍ୟର ଖେଳାଳିଙ୍କୁ ଆସିବା ପାଇଁ ନିମନ୍ତ୍ରଣ କରସାରିଛୁ। ୨୫ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାରଙ୍କ ତରଫରୁ ଖେଳାଳିଙ୍କ ପାଇଁ ସେଭଳି ପ୍ରୋତ୍ସାହନ ମିଳିପାରି ନାହିଁ। ଆଗାମୀ ଦିନରେ ଯଦି କ୍ରୀଡା ବିଦ୍ୟାଳୟ ସହ କ୍ରୀଡା ଛାତ୍ରାବାସ ନିର୍ମାଣ କରାଯାଇ ପିଲାଙ୍କୁ ଠିକ୍ ପ୍ରଶିକ୍ଷଣ ଦିଆଯିବ ତେବେ ବହୁ ଶ୍ରେଷ୍ଠ କ୍ରୀଡାବିତ୍ ବାହାରି ପାରିବେ।

**-ରମେଶ ଚନ୍ଦ୍ର ପୃଷ୍ଟି, ସମ୍ପାଦକ, ଯାଜପୁର ଜିଲା ହ୍ୟାଣ୍ଡବଲ ଆସୋସିଏଶନ୍**

ରିପୋର୍ଟ: ପ୍ରଦୀପ୍ତ କୁମାର ପୃଷ୍ଟି ଓ ସୌମ୍ୟରଞ୍ଜନ ସାହୁ

**ସଂକ୍ଷେପରେ**

## ୩୦ରୁ ଭଙ୍ଗାଯିବ ଚିଙ୍ଗୁଡ଼ି ଘେରି

**ରାଜନଗର, ୨୮।୮ (ଡି.ଏନ.ଏ.) :** କେନ୍ଦ୍ରାପଡା ଜିଲାରେ ଥିବା ବେଆଇନ ଚିଙ୍ଗୁଡି ଘେରି ଭଙ୍ଗାଯିବ। ଜିଲାର ମହାକାଳପଡା, ରାଜନଗର ଓ ରାଜକନିକା ଅଞ୍ଚଳରେ ଥିବା ବେଆଇନ ଚିଙ୍ଗୁଡି ଘେରିଗୁଡିକ ଭଙ୍ଗାଯିବା ପାଇଁ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ୩ଟି ବ୍ଲକରେ ଡାକବାଜି ଯନ୍ତ୍ର ଯୋଗେ ସୂଚନା ଦିଆଯାଇଛି। ଏ ନେଇ ଚିଙ୍ଗୁଡି ଘେରି ମାଲିକ ଓ ଘେରି ଉପରେ ନିର୍ଭର କରୁଥିବା ପ୍ରାୟ ୫୦ହଜାର ଶ୍ରମିକଙ୍କ ମଧରେ ଭାଳେଣି ପଡିଯାଇଛି । ଚଳିତ ମାସ ୨୯ ତାରିଖ ପରେ ଯେ କୌଣସି ମୁହୂର୍ତ୍ତରେ ବେଆଇନ ଚିଙ୍ଗୁଡି ଘେରି ଭଙ୍ଗାଯିବ ବୋଲି ସୂଚନା ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ, ରାଜନଗର, ମହାକାଳପଡା ଓ ରାଜକନିକା ବ୍ଲକର ନଦୀକୂଳ ରେ ବେଆଇନ ଚିଙ୍ଗୁଡି ଘେରି ଗଢି ଉଠିଛି। ନିଜ ଜମି ସମେତ ଜଙ୍ଗଲ ଜମି, ସରକାରୀ ଜମିରେ ମଧ ଚିଙ୍ଗୁଡିଘେରି ବେଧଡକ ଭାବେ ଚାଲିଛି। ଏପରି କି ଭିତରକନିକା ଅଞ୍ଚଳର କିଛି ସ୍ଥାନରେ ଜଙ୍ଗଲ କଟାଯାଇ ଘେରି ନିର୍ମାଣ କରାଯାଇଛି। ରାଜନଗର ବ୍ଲକର ଶୈଳେନ୍ଦ୍ରନାରାୟଣପୁର, ଗୁମୁରା ଆଦି ସ୍ଥାନରେ ଜଙ୍ଗଲ ଭିତରେ ଚିଙ୍ଗୁଡି ଘେରି କରାଯାଇଛି। ଅପରପକ୍ଷରେ ଯେଉଁ ଚିଙ୍ଗୁଡିଘେରିଗୁଡିକୁ ଅନୁମତି ଦିଆଯାଇଥିଲା, ତାର ଅବଧି ସରିଗଲା ପରେ ସେଗୁଡିକୁ ରେନୁଆଲ କରାଯାଉ ନ ଥିବା ନେଇ ଅଭିଯୋଗ ହୋଇଛି। ୩ଟି ବ୍ଲକରେ ଗଢି ଉଠିଥିବା ହଜାର ହଜାର ଚିଙ୍ଗୁଡି ଘେରି ମଧରୁ କେଉଁଟା ଆଇନ ସମ୍ମତ ଓ କେଉଁ ଘେରି ବେଆଇନ ତାହାର ତାଲିକା ପ୍ରଶାସନ ଦେଉ ନ ଥିବାରୁ ଘେରି ମାଲିକମାନେ ଅଡୁଆରେ ପଡିଛନ୍ତି ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

**ମାର୍ଶାଘାଇ,୨୮।୮(ଡି.ଏନ୍.ଏ.) :** ମାର୍ଶାଘାଇ ବ୍ଲକ ଅନ୍ତେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ଭିକାରୀ ଚରଣ ମହାନ୍ତି (୮୬)ଙ୍କ ବୁଧବାର ପରଲୋକ ଘଟିଛି । ସ୍ୱର୍ଗତ ମହାନ୍ତି ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ସରପଞ୍ଚ ଥିଲେ । କଂଗ୍ରେସର ଜଣେ ଆଗ ଧାଡିର କର୍ମୀ ଭାବେ ସେ ଅଞ୍ଚଳରେ ଜଣାଶୁଣା ଥିଲେ । ଦଲୁଆଣି ପାଇଲୋର ହାତିପାରୀ ମୁଖ୍ୟରାସ୍ତା ନିର୍ମାଣ ଏବଂ ପାଇଲୋ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠାରେ ତାଙ୍କର ମୁଖ୍ୟ ଭୂମିକା ଥିଲା । ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ଭୋର ୪ଟାରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ମରଶରୀରକୁ ନିଜ ଗ୍ରାମ ପାଇଲୋକୁ ଅଣାଯାଇଥିଲା । ଖବର ପାଇ କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କା,ଜିଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ,ଦଳିତ ନେତା ଗୌରାଙ୍ଗ ଜେନା,ଭଞ୍ଜ କିଶୋର ସାମନ୍ତରାୟ,ବିଜେଡି ନେତା ଗଙ୍ଗାଧର ପରିଡା ,ଜିଲା ପରିଷଦ ସଭ୍ୟ ଗଣେଶ ସାମଲ, ସାମାଜିକ କର୍ମୀ ଉଦୟ ନାଥ ଚୌଧୁରୀ ପ୍ରମୁଖ ଶେଷ ଦର୍ଶନ କରିଥିଲେ । ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କର ଏକମାତ୍ର ପୁତ୍ର ଅନିଲ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ ।

### ■ ଜିଓ ଟ୍ୟୁବରେ ଅଗ୍ନିକାଣ୍ଡ ଘଟଣା

# ସୁରକ୍ଷା ପାଇଁ କାମ ଆରମ୍ଭ

**ରାଜନଗର, ୨୮।୮ (ଡି.ଏନ.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ପେଣ୍ଠ ନିକଟ ବଙ୍ଗୋପସାଗର କୂଳରେ ନିର୍ମାଣ ହୋଇଥିବା ଭାରତର ଦ୍ୱିତୀୟ ଓ ଓଡିଶାର ଏକମାତ୍ର ଜିଓ ସିନ୍ଥେଟିକ ଟ୍ୟୁବ ୱାଲରେ ଅଗ୍ନିକାଣ୍ଡ ପରେ ଏହାର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଗ୍ନିକାଣ୍ଡ ଘଟି ଗ୍ୟାବନ ବକ୍ସ ପୋଡି ଯାଇଥିବାରୁ ପଥରଖଣ୍ଡ ଖସିବାର ଆଶଙ୍କା ସୃଷ୍ଟି ହୋଇଛି। ଉଚ୍ଚ ଜୁଆର ଉଠୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ପକ୍ଷରୁ ବୁଧବାର ଠାରୁ ଅସ୍ଥାୟୀ ଭାବେ ବାଲି ବସ୍ତାମାନ ଜିଓ ଟ୍ୟୁବ ସମ୍ମୁଖରେ ବିଛାଯାଉଛି।

ପ୍ରକାଶ ଯେ, ଗତ ୨୫ ତାରିଖ ଦିନ ଭୋର ସମୟରେ ଜିଓ ସିନ୍ଥେଟିକ ୱାଲ ଜଳୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ସମୁଦ୍ର କୂଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡ ଯୋଗୁ ୨୦ମିଟର ଓସାର ଯାଏଁ ନିଆଁ ଲାଗିଛି। ଫଳରେ ପ୍ରାୟ



ଜିଓ ଟ୍ୟୁବ୍‌ରେ ବାଲିବସ୍ତା ପକାଯାଇଛି।

୧୦୦ଟି ଗ୍ୟାବନ ବକ୍ସର ଜାଲି ପୋଡି ପାଉଁଶ ହୋଇଯାଇଛି। ଏଥିଯୋଗୁ ଗ୍ୟାବନ ବକ୍ସ ମଧ୍ୟରେ ଥିବା ପଥରଖଣ୍ଡ ଭୁସୁଡି ପଡିବାର ଆଶଙ୍କା ସୃଷ୍ଟି ହୋଇଛି। ଏହାର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗର ରାଜ୍ୟସ୍ତରୀୟ ଟେକନିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କଲା ପରେ ସ୍ଥାୟୀ ପଦକ୍ଷେପ ନିଆଯିବ। ଟେକ୍‌ନିକାଲ ଟିମ୍ ଆସିବା ଓ କାମ ହେବା ପୂର୍ବରୁ କାଳେ ପଥରଖଣ୍ଡଗୁଡିକ ସମୁଦ୍ର ଜୁଆର ମାଡରେ ଭୁସୁଡିବ ଓ ସେଠାକୁ ବୁଲି ଯାଉଥିବା ପର୍ଯ୍ୟଟକଙ୍କ ଉପରେ ପଡିବ ଏହି ଆଶଙ୍କା କରି ଆଜିଠାରୁ ଟ୍ରାଡିସନାଲ ମେଥଡରେ କାମ ଆରମ୍ଭ ହୋଇଛି। ତଳେ ବଡ ବଡ ବାଲିବସ୍ତା ଦିଆଯାଉଥିବା ବେଳେ ଉପରେ ବାଲିବସ୍ତା ଦିଆଯାଇ ପ୍ୟାକିଂ କରାଯାଉଛି। ୨୦ଫୁଟ ଚଉଡା ଓ ୧୫ଫୁଟ ଉଚ୍ଚତା ମଧ୍ୟରେ ଏହି ପ୍ୟାକିଂ କରାଯିବ ବୋଲି ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ଅଞ୍ଜନ କୁମାର ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ରାଜନଗର ବ୍ଲକ ପେଣ୍ଠ ନିକଟରେ ସମୁଦ୍ର କୂଳ ଖାଇ ଚାଲିଥିବାରୁ ୫୦୫ ମିଟର ଜିଓ ସିନ୍ଥେଟିକ ୱାଲ ନିର୍ମାଣ କରାଯାଇଥିଲା। ସମୁଦ୍ର ଜୁଆର ଓ ଅଲଟ୍ରା ଭାଓଲେଟ କିରଣରୁ ସିନ୍ଥେଟିକ ୱାଲକୁ ସୁରକ୍ଷା ଦେବା ପାଇଁ ଉପରେ ଗ୍ୟାବନ ବକ୍ସ ରଖା ଯାଇଥିଲା। ପଲିମର ଜାତୀୟ ଦଉଡିରେ ତିଆରି ଜାଲି ମଧ୍ୟରେ ପଥରଖଣ୍ଡ ପୁରାଯାଇ ଏହି ସୁରକ୍ଷା ୱାଲ ନିର୍ମାଣ କରାଯାଇଥିଲା। ଏଥିପାଇଁ ୩୩କୋଟି ଟଙ୍କା ବ୍ୟୟ କରାଯାଇଥିଲା। ଆନ୍ଧ୍ରର ଓପାଡା ଠାରେ ପ୍ରଥମ ଜିଓ ସିନ୍ଥେଟିକ ୱାଲ ନିର୍ମାଣ ହୋଇଥିବା ବେଳେ ଓଡିଶାର ପେଣ୍ଠ ନିକଟରେ ଭାରତର ଦ୍ୱିତୀୟ ଜିଓ ସିନ୍ଥେଟିକ ୱାଲ ରହିଛି।

### ■ ବ୍ରାହ୍ମଣୀ, ଖରସ୍ରୋତାରେ କୁମ୍ଭୀର ଆତଙ୍କ

## ନଦୀ ତୁଠରେ ତାର ଜାଲି ଘେରାଇବାକୁ ଦାବି

**ଆଳି, ୨୮।୮ (ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ଥିବା କୁମ୍ଭୀର ଓ ଅନ୍ୟାନ୍ୟ ବିରଳ ଜୀବଜନ୍ତୁ ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ହେଲେ ଭିତରକନିକା ଚତୁଃପାର୍ଶ୍ୱରେ ବସବାସ କରୁଥିବା ଲୋକମାନେ ବର୍ଷତମାମ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ବିଶେଷକରି ନଦୀନାଳରେ କୁମ୍ଭୀର ଉପଦ୍ରବ ଯୋଗୁ ବହୁ ଧନ ଜୀବନ ହାନି ଘଟୁଛି। ଭିତରକନିକା ଦେଇ ପ୍ରବାହିତ ନଦୀନାଳକୁ ସଂଯୋଗ କରୁଥିବା ନଦୀକୂଳବାସୀ କୁମ୍ଭୀର ଭୟରେ କାଳ କାଟୁଛନ୍ତି। ସ୍ଥାନୀୟ ଲୋକେ ନଦୀ ଜଳକୁ ଦୈନନ୍ଦିନ ବ୍ୟବହାରରେ ଲଗାଉଥିବା ବେଳେ ଅନେକେ କୁମ୍ଭୀର ଆକ୍ରମଣର ଶିକାର ହେଉଛନ୍ତି।

ଆଳି ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ କୁମ୍ଭୀର ଉପଦ୍ରବ ବଢ଼ି ଚାଲିଥିବା ବେଳେ ଗାଧୁଆ ତୁଠଗୁଡ଼ିକ ମୁକୁଳା ପଡ଼ିଥିବାରୁ ଅକାଳରେ ଲୋକମାନେ ଜୀବନ ହରାଉଛନ୍ତି ବୋଲି ନଦୀକୂଳବାସୀ କହିଛନ୍ତି। ଗ୍ରାମବାସୀ କାରବାର କରୁଥିବା ତୁଠଗୁଡ଼ିକରେ ତାର ଜାଲି ଘେରାଇବା ପାଇଁ ବ୍ୟବସ୍ଥା ଥିଲେ ବି ବନ ବିଭାଗ କର୍ତ୍ତୃପକ୍ଷ ଏ ଦିଗ ପ୍ରତି ଦୃଷ୍ଟି ଦେଉନାହାନ୍ତି। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଲୋକମାନେ ଅଭିଯୋଗ କରିଛନ୍ତି।

ଗତ ସୋମବାର ପଟ୍ଟାମୁଣ୍ଡାଇ ନିଳକଣ୍ଠପୁର ଗ୍ରାମର ଚନ୍ଦନ ନାମକ ଜଣେ ଯୁବକ ବ୍ରାହ୍ମଣୀ ନଦୀରେ ଗାଧଉଥିବା ବେଳେ କୁମ୍ଭୀର ତାଙ୍କୁ ଟାଣିନେଇଥିଲା। ଏହାପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେହିପରି ଗତ ସୋମବାର ରାତିରେ ପ୍ରାୟ ୧୨ ଫୁଟ ଲମ୍ବର ଏକ କୁମ୍ଭୀର ଖରସ୍ରୋତା ନଦୀର ବାଳକାଟି ନିକଟରେ ଏକ ଗାଈକୁ ଝାମ୍ପି ନେଇ କ୍ଷତାକ୍ତ କରିଥିବା ଜଣାପଡ଼ିଛି। ବାରମ୍ବାର ଏଭଳି ଘଟୁଥିବା ଯୋଗୁ ନଦୀକୂଳରେ ବସବାସ କରୁଥିବା ବାଳକାଟି ପଞ୍ଚାୟତର ବାଳକାଟି, ନାଗପଡ଼ା, ରାଣୀ ପୋଖରୀ, ବଡାମ୍ଭିଲା ପଞ୍ଚାୟତର ସାହୁପଡ଼ା, କୋଳିଡ଼ିହ ପଞ୍ଚାୟତର କୋଳିଡ଼ିହ, ଦିନିଆରି, ବିଜୟନଗର, ଚନ୍ଦନନଗର, ଜାମୁଦଣ୍ଡା, ଏକମାଣିଆ ପଞ୍ଚାୟତର ଏକମାଣିଆ, ନଳପାହି, ଦକ୍ଷୀଣଡିହା ଆଦି ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗ୍ରାମବାସୀ ବ୍ୟବହାର କରୁଥିବା ଗାଧୁଆତୁଠ ଗୁଡିକରେ ତାର ଜାଲି ଲଗାଯିବା ବ୍ୟବସ୍ଥା କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆଇନଗତ ସାକ୍ଷରତା ଉତ୍ସବ ପାଇଁ ପ୍ରତିଯୋଗିତା

**କେନ୍ଦ୍ରାପଡା ଅଫିସ, ୨୮।୮**

ସହରର ସରକାରୀ ବିଦ୍ୟାଳୟ ପରିସରରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାସ୍ତରୀୟ ଆଇନଗତ ସାକ୍ଷରତା ଉତ୍ସବ ଉପଲକ୍ଷେ ଡ୍ରାମା, ବକ୍ତୃତା, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରବନ୍ଧଲିଖନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଇପ୍‌ସିତା କର, ଚିତ୍ରାଙ୍କନରେ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ର ବିନାୟକ ପରିଜା, ବକ୍ତୃତାରେ ସୁଦର୍ଶନ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନିବେଦିତା ନାୟକ ଓ ଡ୍ରାମାରେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପ୍ରଥମସ୍ଥାନ ଅଧିକାର କରିଥିଲେ। ଏଥିରେ ବିଚାରକ ଭାବେ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଚିରଞ୍ଜିବି ପଣ୍ଡା, ନାଟ୍ୟକାର ଦିଲ୍ଲୀପ ସାହୁ, ଚିତ୍ରକର ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏଥିପାଇଁ ସଭାରେ ଜିଲା ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ବାସୁଦେବ ପଣ୍ଡା ମୁଖ୍ୟ ଅତିଥି, ସିଭିଲକୋର୍ଟ ରେଜିଷ୍ଟ୍ରାର ବିଶ୍ୱରଞ୍ଜନ ବେହେରା, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପାରସ ପାଢି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତରୁଣକାନ୍ତି ସେନ, ଶ୍ରୀକାନ୍ତ କୁମାର ସ୍ୱାଇଁ, ସଂଯୁକ୍ତା ମହାନ୍ତି ଓ ମାଣିକ ହେମ୍ବ୍ରମ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭିତରଗଡ଼ରେ ମଦବିରୋଧୀ ଆନ୍ଦୋଳନ ପୁଣି ତେଜିଲା

**ରାଜନଗର, ୨୮।୮(ଡି.ଏନ.ଏ.)**

ରାଜନଗର ବ୍ଲକର ଭିତରଗଡ ପଞ୍ଚାୟତରେ ମଦ ବିରୋଧୀ ଆନ୍ଦୋଳନ ପୁଣି ତେଜିଛି । ମଦ ଦୋକାନ ଉଚ୍ଛେଦ ଦାବିରେ ବୁଧବାର ଠାରୁ ମହିଳାମାନେ ଭିତରଗଡ ମଦଦୋକାନ ସମ୍ମୁଖ ରାସ୍ତାକଡରେ ଅନଶନରେ ବସିଛନ୍ତି । ଚଳିତମାସ ୭ ତାରିଖରୁ ୯ ତାରିଖ ଯାଏଁ ମହିଳାମାନେ ରାଜନଗର-ତାଳଚୁଆ ମୁଖ୍ୟରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରିଥିଲେ। ସେମାନଙ୍କ ଦାବି ପୂରଣ ନ ହେବାରୁ ଗତ ୨୬ ତାରିଖ ଦିନ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ମହିଳାମାନେ ଭିତରଗଡଠାରେ ଥିବା ମଦଦୋକାନ ଉଚ୍ଛେଦ ପାଇଁ ଦାବି କରିଥିଲେ। ଜିଲାପାଳ ଆଇନ ଅନୁଯାୟୀ



ଅନଶନରେ ବସିଥିବା ମହିଳାମାନେ।

ପଦକ୍ଷେପ ନେବେ ବୋଲି କହିଥିଲେ। ମାତ୍ର ଏହା ଭିତରଗଡ ପଞ୍ଚାୟତର ମହିଳାମାନଙ୍କୁ ସନ୍ତୁଷ୍ଟ କରି ପାରି ନ ଥିଲା। ସେହିଦିନ ମହିଳାମାନେ ଅନଶନରେ ବସିବେ ବୋଲି ଲିଖିତ ଭାବେ ପ୍ରଶାସନକୁ ଜଣାଇଥିଲେ। ତଦନୁଯାୟୀ ବୁଧବାରଠାରୁ ମହିଳାମାନେ ତମ୍ବୁମାରି ଅନଶନରେ ବସିଛନ୍ତି । ଜୟଶ୍ରୀ ସେଠୀ, ବାସନ୍ତୀ ସେଠୀ, ଡଲି ସାମଲ, ସାବିତ୍ରୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ଚଣ୍ଡ ଆମରଣ ଅନଶନରେ ବସିଥିବା ବେଳେ ଶତାଧିକ ମହିଳା ଏହାକୁ ସମର୍ଥନ କରିଛନ୍ତି। ଦାବି ପୂରଣ ହେବା ଯାଏଁ ଏହି ଧାରଣା ଚାଲୁ ରହିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ପୂର୍ବରୁ ମହିଳାମାନେ ରାସ୍ତା ଅବରୋଧ କରିବା ଯୋଗୁ ୩ଦିନ ଧରି ୧୧ଟି ପଞ୍ଚାୟତର ଲୋକେ ବ୍ଲକ ହେଡକ୍ୱାର୍ଟର ଠାରୁ ବିଚ୍ଛିନ୍ନ ହୋଇ ରହିଥିଲେ।

## ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା



ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ମହାକାଳପଡ଼ା, ୨୮।୮ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଅଧୀନ ପେଟ୍‌ଛେଲା ପଞ୍ଚାୟତର କୋଚିଳା ଗ୍ରାମସ୍ଥିତ ବାସୁଦେବ ବିଦ୍ୟାପୀଠ ପରିସରରେ ବୁଧବାର ପରିବେଶ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ଟାଙ୍କିବେଲାରୀସ୍ଥିତ ୟଙ୍ଗମେନ୍ ଖ୍ରୀଷ୍ଟିୟାନ ଆସୋସିଏଶନ (ୱାଇଏମ୍‌ସିଏ)ର ୧୭୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ନିତ୍ୟାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଉପଲକ୍ଷେ ସ୍ଥାନୀୟ ବଜ୍ର ମହାକାଳୀ ହାଇସ୍କୁଲ ପରିସରରେ ୧୭୫ ଚାରା ରୋପଣ କରାଯାଇଥିଲା। ସ୍କୁଲର ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହାପରେ ସ୍କୁଲ ପରିସରରେ ଏକ ସଭା ଆୟୋଜିତ ହୋଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଭରତଚନ୍ଦ୍ର ସ୍ୱାଇଁ, ପରିବେଶବିତ୍ ସମରେନ୍ଦ୍ର ମାହାଳୀ, ସାମାଜିକ କର୍ମୀ ଅଶୋକ ସ୍ୱାଇଁ, ଲକ୍ଷ୍ମୀଧର ସ୍ୱାଇଁ, ସୁବାସ ସ୍ୱାଇଁଙ୍କ ସମେତ ଗ୍ରାମବାସୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ବ୍ୟାପକ ବୃକ୍ଷରୋପଣ କରି ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ୱାଇଏମ୍‌ସିଏ ସମ୍ପାଦକ ଶୁଭକାନ୍ତ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରୁ ମହିଳାଙ୍କ ମୃତଦେହ ଉଦ୍ଧାର



କଲେଜ ପୋଲ ନିକଟରୁ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଉଛି।

**ପଟ୍ଟାମୁଣ୍ଡାଇ, ୨୮।୮ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ଭାସୁଥିବା ଜଣେ ମହିଳାଙ୍କ ଗଳିତ ମୃତଦେହ ବୁଧବାର ପୂର୍ବାହ୍ନରେ ପୋଲିସ ଉଦ୍ଧାର କରିଛି । ମୃତା ମହିଳା ଜଣଙ୍କ କିଏ ଏବଂ କେଉଁଠି ତାଙ୍କ ଘର ସେ ନେଇ କୌଣସି ସନ୍ଧାନ ମିଳିନାହିଁ । ମଙ୍ଗଳବାର ସନ୍ଧ୍ୟାରୁ ଉକ୍ତ ମହିଳାଙ୍କ ମୃତଦେହ ପଟ୍ଟାମୁଣ୍ଡାଇ ବାଇପାସ୍ ନିକଟ କେନାଲରେ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ । ହେଲେ ପୋଲିସ ଆସି ନ ଥିଲା । ବୁଧବାର ପଟ୍ଟାମୁଣ୍ଡାଇ କଲେଜ ପୋଲ ନିକଟରେ ଉକ୍ତ ମହିଳାଙ୍କ ମୃତଦେହ ଭାସୁଥିବା ଦେଖି ଆଇଏଚଆରସି ଜିଲାମୁଖ୍ୟ ପ୍ରତାପ ପାଢୀ ଏ ନେଇ ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରିଙ୍କୁ ଜଣାଇଥିଲେ । ତହସିଲଦାର ଗିରି ପୋଲିସ ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କ ସହିତ କଲେଜ ପୋଲ ନିକଟରେ ପହଞ୍ଚିଥିଲେ । ପରେ ସୁଇପର୍ ଡକାଯାଇ ପାଣିରେ ଭାସୁଥିବା ମୃତଦେହ ଉଦ୍ଧାର କରାଯାଇଥିଲା । ମୃତଦେହ ପଚି ଯାଇଥିବାରୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଡକାଯାଇ ସେହିଠାରେ ହିଁ ବ୍ୟବଚ୍ଛେଦ କରାଯାଇଥିଲା । ଏଥିନେଇ ପଟ୍ଟାମୁଣ୍ଡାଇ ଥାନାରେ ଏକ ଅପମୃତ୍ୟୁ ମାମଲା (୧୯/୨୦୧୯) ରୁଜୁ ହୋଇଛି। ପୋଲିସ ତଦନ୍ତ ଚଳାଇଛି ।

## ମାର୍ଶାଘାଇରେ ଶ୍ରୀଅରବିନ୍ଦ ପାଠଚକ୍ର

**ମାର୍ଶାଘାଇ,୨୮।୮(ଡି.ଏନ.ଏ.)**

ମାର୍ଶାଘାଇ ଶ୍ରୀଅରବିନ୍ଦ ପ୍ଲେ ସ୍କୁଲ ପରିସରରେ ମଙ୍ଗଳବାର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଅରବିନ୍ଦ ପାଠଚକ୍ରର ମାର୍ଶାଘାଇ ବ୍ଲକ ସଂଯୋଜକ ପୀତାମ୍ବର ମଲ୍ଲଙ୍କ ସଂଯୋଜନାରେ ବୁଧବାର ଅନୁଷ୍ଠିତ ଏହି ପାଠଚକ୍ରରେ ମାର୍ଶାଘାଇ ପଞ୍ଚାୟତ ସମିତିର ପ୍ରାକ୍ତନ ଉପାଧକ୍ଷା ସ୍ନେହଲତା ବେହେରା,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସବିତା ବିଶ୍ୱାଳ ଏବଂ କବି ବିଧାନ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ମାର୍ଗଦର୍ଶନ ସଂପର୍କରେ ଆଲୋକପାତ କରିଥିଲେ। ମାର୍ଶାଘାଇ ପାଠଚକ୍ର କେନ୍ଦ୍ର ପ୍ରତିଷ୍ଠାରେ ମୁଖ୍ୟଦାୟିତ୍ୱ ନିର୍ବାହ କରିଥିବା ସ୍ୱର୍ଗତ ରଘୁନାଥ ସେନାପତିଙ୍କ ଶ୍ରାଦ୍ଧବାର୍ଷିକୀ ଥିବାରୁ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ମାତୃପ୍ରେମୀଙ୍କ ଉଦ୍ୟମରେ ଶ୍ରୀଅରବିନ୍ଦ ପ୍ଲେସ୍କୁଲ ଚଳିତବର୍ଷଠାରୁ ଖୋଲାଯାଇଥିବା ସଂପର୍କରେ ସ୍କୁଲର ପରିଚାଳିକା ପୁଷ୍ପଲତା ଗାହାଣ ପାଠଚକ୍ର ଶେଷରେ ସୂଚନା ଦେଇଥିଲେ। ସହାୟିକା କଳ୍ପନା ରାଉତ, ଦେବୀପ୍ରସାଦ ରଥ, ହରେକୃଷ୍ଣ ରାଉତ, ଅନୁପମା ପଣ୍ଡା,ଗୀତାଞ୍ଜଳୀ ପଣ୍ଡା, ମଧୁସୂଦନ ଗାହାଣ, ବିଶ୍ୱଜିତ ବେହେରା, ଅକ୍ଷୟ ସ୍ୱାଇଁ,ସୁଶାନ୍ତ ରାଉତ, ବଗୁଲି ରାଉତଙ୍କ ସମେତ ଶତାଧିକ ମାତୃପ୍ରେମୀ ପାଠଚକ୍ରରେ ଯୋଗ ଦେଇଥିଲେ।

## ଜଳଶକ୍ତି ଅଭିଯାନର ସଚେତନତା କାର୍ଯ୍ୟକ୍ରମ

**ମାର୍ଶାଘାଇ,୨୮।୮(ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ଜଳଶକ୍ତି ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆଞ୍ଚଳିକ ଜନ ସଂପର୍କ କାର୍ଯ୍ୟାଳୟ ଆୟୋଜନ କରିଥିବା ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ଷାଜଳକୁ ସଂରକ୍ଷିତ କରି ରଖିବା ସହିତ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଅଯଥା ଜଳ ନଷ୍ଟ ନ କରିବା ଉପରେ ସଚେତନତା ସୃଷ୍ଟି ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୃଷକ ବିକାଶ ସମିତି ଅଧକ୍ଷ ପ୍ରମୋଦ କୁମାର ସାହୁ ଯୋଗଦେଇ ଜଳ ସଂରକ୍ଷଣ ଉପରେ ଆଲୋକପାତ କରିବା ସହିତ ନଦୀନାଳରୁ ଜଳର ସ୍ରୋତ ହ୍ରାସ ପାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗୁଳାଇ ସରପଞ୍ଚ ଦୁର୍ଗାବତୀ ପ୍ରଧାନ,କେନ୍ଦ୍ରାପଡା ଉଠାଜଳସେଚନ ନିର୍ବାହୀ ଯନ୍ତ୍ରୀ ରବିନାରାୟଣ ପାତ୍ର,ଜଳସେଚନ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ, ଉପ ନିର୍ବାହୀ ଯନ୍ତ୍ରୀ ବିଧାନ ଚନ୍ଦ୍ର ସାହୁ,ଆରଡବ୍ଲୁଏସଏସ ଏସଡିଓ ବିଭୁତି ରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଞ୍ଚଳିକ ଜନସଂପର୍କ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ପ୍ରକାଶ ଦାସ ଏବଂ କ୍ଷେତ୍ର ଜନସଂପର୍କ ଅଧିକାରୀ ଜୀବନ କୁମାର ସାମନ୍ତସିଂହାରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ୩ ଜଣ ଛାତ୍ରୀଛାତ୍ର ବଦ୍ରିନାଥ ପ୍ରଧାନ (ପ୍ରଥମ), ବିଦ୍ୟାଭାରତୀ ପଣ୍ଡା (ଦ୍ୱିତୀୟ) ଓ ହାଂସୀରାଣୀ ପାତ୍ର (ତୃତୀୟ)ଙ୍କୁ ଜିଲାପାଳ ବର୍ମା ସମ୍ମାନିତ କରିଥିଲେ।

# ଜଳଶକ୍ତି ମିଶନ ଉପରେ ଗୁରୁତ୍ୱ

**ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ବୈଠକ**

**ପଟ୍ଟାମୁଣ୍ଡାଇ, ୨୮।୮ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ୫ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପଞ୍ଚାୟତ ସମିତି ଅଧକ୍ଷା ଜ୍ୟୋତିର୍ମୟୀ ବେହେରା ଅଧକ୍ଷତା କରିଥିଲେ । ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇ ଜଳଶକ୍ତି ଅଭିଯାନ ଓ ପାନୀୟ ଜଳ ଉପରେ ଗୁରୁତ୍ୱାରୋପ କରିଥିଲେ । ପାନୀୟ ଜଳ ଯୋଗାଣ ନିମନ୍ତେ ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର ଓ ରାଜନଗର ବ୍ଲକର ନଗଡ ଠାରେ ମିନି ୱାଟର୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରାଯିବା ବିଧାୟକ ସାହୁ କହିଥିଲେ । ଏଥିସହିତ ପ୍ରତ୍ୟେକ ପଞ୍ଚାୟତ ଓ ବ୍ଲକରେ ନିଜସ୍ୱ ପାଣ୍ଠିରୁ ୫୦ହଜାର ଲେଖାଁଏ ଟଙ୍କାରେ ସୋଲାର୍ ଲାଇଟ୍ ଯୋଗାଇ ଦେବାକୁ ଉଭୟ ବିଧାୟକ ପ୍ରତିଶ୍ରୁତି



ବୈଠକରେ ଉପସ୍ଥିତ ଦୁଇ ବିଧାୟକ, ପଞ୍ଚାୟତ ସମିତି ଅଧକ୍ଷା ଓ ଅନ୍ୟମାନେ।

ଦେଇଥିଲେ । ସ୍ୱଚ୍ଛ ଭାରତ ଅଭିଯାନରେ ପଞ୍ଚାୟତଗୁଡିକୁ ସାମିଲ କରି ପଲିଥିନ୍ ମୁକ୍ତ କରିବା ଓ ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ । ଭୂତଳ ଜଳସ୍ତର ହ୍ରାସ ପାଇଥିବାରୁ ନଳକୂପ ନିକଟରେ ରିଚାର୍ଜ ପିଟ୍ ଓ ସ୍ୱପିଟ୍ ଖନନ କରି ଜଳକୁ ଅଟକାଇ ରଖିଲେ ଜଳସ୍ତର ଠିକ୍ ରହିବ ବୋଲି ବିଧାୟକ ମାନେ ମତପ୍ରକାଶ କରିଥିଲେ । ଏହି ବୈଠକରେ ବିଡିଓ ପବିତ୍ରମୋହନ କାନୁନଗୋ, ତହସିଲଦାର ଶରତ କୁମାର ଗିରି, ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ବ୍ଲକ ସହକାରୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ବେହେରା, ଏସ୍‌ଡିଏଚ୍ ଭାରପ୍ରାପ୍ତ ଅଧିକାରୀ ଡା. ନିରାକାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକରେ ଖାଉଟି କଲ୍ୟାଣ, ଆଇନ ଶୃଙ୍ଖଳା, ମହିଳା ଓ ଶିଶୁ କଲ୍ୟାଣ, ଉଦ୍ୟାନ କୃଷି, ଗ୍ରାମ୍ୟ ଉନ୍ନୟନ, ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନୟନମୂଳକ ଯୋଜନା ଓ ଜଳସେଚନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ପଞ୍ଚାୟତରେ ଥିବା ସମିତି ରାସ୍ତା ଓ ଗ୍ରାମ୍ୟ ରାସ୍ତାକୁ ଆରଡି ରାସ୍ତାରେ ପରିଣତ କରିବା ପାଇଁ ସରପଞ୍ଚ ମାନେ ପ୍ରସ୍ତାବ ଦେବାକୁ କୁହାଯାଇଥିଲା । ସେହିପରି ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ସଚେତନତା ସୃଷ୍ଟି କରିବା ସହିତ ପୋଲିସକୁ ସହଯୋଗ କରିବା ଲାଗି ଆଇଆଇସି ତ୍ରିପାଠୀ କହିଥିଲେ । ବୈଠକରେ ସରପଞ୍ଚ ପ୍ରଭାତ ପ୍ରଧାନ , ରମେଶ ଦାସ, କୈଳାଶ ସିଂହ, ସୁବାଶ ଖଟୁଆ, ପ୍ରଭାତ ସେଠୀ, ମିନତୀ ପାତ୍ର, ପ୍ରଫୁଲ୍ଲ ତରାଇଙ୍କ ସମେତ ୬୦ଜଣ ସଭ୍ୟାସଭ୍ୟ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଗ୍ରାମ୍ୟ ପଞ୍ଚାୟତ ଅଧିକାରୀ, ସନ୍ତୋଷ କୁମାର ମନ୍ତ୍ରୀ, ସାମାଜିକ ସୁରକ୍ଷା ଅଧିକାରୀ ଉଦାର ସୁନ୍ଦର ସ୍ୱାଇଁ. ବ୍ଲକ କଲ୍ୟାଣ ଅଧିକାରୀ ଚନ୍ଦ୍ରକାନ୍ତି ବେହୁରା, ଶ୍ୱେତାପଦ୍ମା ମହାନ୍ତି, ତପସ୍ୱିନୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।

- ଲେନିନ୍



## ସଂକ୍ଷେପରେ

### ରଘୁନାଥଜୀଉ ମନ୍ଦିରରେ ରତ୍ନମୁଦ ଉତ୍ସବ



ଭାପୁର,୨୮।୮ (ଡି.ଏନ୍.ଏ): ଭାପୁର ବ୍ଲକ କଇଁଫୁଲିଆ ଗ୍ରାମର ଉପରସାହିରେ ପ୍ରତିଷ୍ଠିତ ରଘୁନାଥଜୀଉ ମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ଆୟୋଜିତ ହୋଇଛି। ବହୁ ପୁରାତନ ଏହି ଠାକୁରଙ୍କ ମନ୍ଦିର ନ ଥିବାରୁ ସାହିରେ ଥିବା ଏକ କୋଠ ଆଜବେଷ୍ଟସ ଘରେ ପୂଜା କରାଯାଉଥିଲା। ଗ୍ରାମବାସୀ ଓ ସାହି କମିଟିର ଉଦ୍ୟମ କ୍ରମେ ଏବେ ଏକ ନୂତନ ମନ୍ଦିର ସ୍ଥାପନ କରାଯାଇଛି। ନିତ୍ୟାନନ୍ଦ ମହାରଣା ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ମହାରଣା କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଚିନ୍ତାମଣି ମିଶ୍ର, ପ୍ରଶାନ୍ତ ଷଡ଼ଙ୍ଗୀ, ପୁରୋହିତ କାର୍ଯ୍ୟ ସମ୍ପାଦନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମବେଳେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

### ଅଧକ୍ଷଙ୍କୁ ହତ୍ୟା ଉଦ୍ୟମ ଅଧ୍ୟାପକଙ୍କ ବିରୋଧରେ ଥାନାରେ ଅଭିଯୋଗ

ରଣପୁର,୨୮।୮(ସ୍ୱ.ପ୍ର.): ରଣପୁରର ମା ମଣିନାଗ ଦୁର୍ଗା ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ବିଭୁ ପ୍ରସାଦ ମଲ୍ଲିକଙ୍କୁ ତାଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜଣେ ଅଧ୍ୟାପକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଉଦ୍ୟମ କରିଥିଲେ। ଏ ନେଇ ମହାବିଦ୍ୟାଳୟର ଅଧକ୍ଷ ମଲ୍ଲିକ କେତେକ ଅଧାପିକା ଅଧାପକଙ୍କ ସହ ରଣପୁର ଥାନାକୁ ଆସି ବୁଧବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ମହାବିଦ୍ୟାଳୟର ସମ୍ପୃକ୍ତ ଅଧାପକ ଅଧକ୍ଷଙ୍କୁ ଗାଳିଗୁଲଜ କରି ଏକ ଚେୟାର ଧରି ତାଙ୍କ ଉପରକୁ ଫୋପାଡୁଥିବାବେଳେ କିଛି କର୍ମଚାରୀ ହସ୍ତକ୍ଷେପ କରିବାରୁ ଅଧକ୍ଷ ବର୍ତ୍ତି ଯାଇଥିଲେ । ସମ୍ପୃକ୍ତ ଅଧାପକଙ୍କ ବିଶୃଙ୍ଖଳିତ ଆଚରଣ ଯୋଗୁ ପାଠପଢ଼ା ବ୍ୟାହତ ହେବା ସହ ତାଙ୍କ ସମ୍ମାନ ଉପରେ ଆଞ୍ଚ ଆସିଥିବାରୁ ତଦନ୍ତ କରି ପଦକ୍ଷେପ ନେବାକୁ ଏତଲାରେ ଅଧକ୍ଷ ଦର୍ଶାଇଛନ୍ତି । ସଂପୃକ୍ତ ଅଧାପକ ପୂର୍ବରୁ ଅନେକ କିଛି କାଣ୍ଡ ଘଟାଇଛନ୍ତି। ତାଙ୍କର ବିଗତ ଦିନର କିଛି ଘଟଣାର କାଗଜାତ ଓ ଷ୍ଟାଫ ମିଟିଂ କରି ନିଆ ଯାଇଥିବା ନିଷ୍ପତ୍ତିର କାଗଜାତ ମଧ ଅଧକ୍ଷ ପୋଲିସକୁ ପ୍ରଦାନ କରିଛନ୍ତି । ଯଦି ପୋଲିସ କିଛି ପଦକ୍ଷେପ ନ ନିଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କେତେକ ଅଧାପକ ଚେତାବନୀ ଦେଇଛନ୍ତି।

### ମଦ ଜବତ, ୩ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୨୮।୮(ଡି.ଏନ.ଏ.): ଟାଙ୍ଗୀ ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ାଉ କରାଯାଇ ବୁଧବାର ୧୧ ଲିଟର ବେଆଇନ ଦେଶୀ ମଦ ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡିଛି । ଅଭିଯୁକ୍ତମାନେ ହେଲେ ଟାଙ୍ଗୀ ପଥରବନ୍ଧ ଗ୍ରାମର ଦିବାକର ବେହେରା(୩୯), ରାମେଶ୍ୱରର ସନ୍ତୋଷ କୁମାର ନାୟକ (୨୨) ଓ ମଙ୍ଗଳାଯୋଡିର ଲକ୍ଷ୍ମଣ ବେହେରା। ଏମାନଙ୍କୁ କୋର୍ଟଚାଲାଣ କରାଯାଇଛି ।

## ଆଜି ଜାତୀୟ କ୍ରୀଡ଼ା ଦିବସ

# ଝିଲ୍ଲୀ ଓ ଦୀପାଳି ଜିଲାର ଗୌରବ

ରଞ୍ଜନ କୁମାର ପ୍ରଧାନ

ନୟାଗଡ଼ ଅଫିସ,୨୮।୮

ଗୁରୁବାର ଜାତୀୟ କ୍ରୀଡ଼ା ଦିବସ। କ୍ରୀଡ଼ା କ୍ଷେତ୍ରକୁ ନୟାଗଡ଼ ଜିଲାର ଅବଦାନ କିଛି କମ୍ ନୁହେଁ। ଜିଲାର କ୍ରୀଡ଼ାବିତ୍‌ମାନେ ନିଜର ନିଷ୍ଠା ଓ ପରିଶ୍ରମ ବଳରେ ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିବା ସହ ଜିଲାର ଗୌରବ ବୃଦ୍ଧି କରିଛନ୍ତି। ସେମାନଙ୍କ ମଧ୍ୟରେ ଭାରୋତ୍ତୋଳନକାରୀ ଝିଲ୍ଲୀ ଦଳବେହେରା ଓ ଧାବିକା ଦୀପାଳି ମହାପାତ୍ର ଅନ୍ୟତମ। ଅନ୍ୟପକ୍ଷେ କନ୍ୟାଭ୍ରୁଣ ହତ୍ୟା, ନାବାଳିକା ବିବାହ ବୃଦ୍ଧି ପାଇଁ ଜିଲା ନିନ୍ଦିତ ହୋଇ ଆସୁଥିବାବେଳେ ଏପରି ସମୟରେ ଜିଲାର ଦୁଇ ଝିଅ ଝିଲ୍ଲୀ ଓ ଦୀପାଳି ଜିଲାର ଗର୍ବ ଓ ଗୌରବ ବଢ଼ାଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଦୁଇ ଝିଅ ନିଜର ଦକ୍ଷତା, ପରିଶ୍ରମ ବଳରେ କ୍ରୀଡ଼ା କ୍ଷେତ୍ରରେ ସଫଳତା ହାସଲ କରି ଆଗକୁ ଯାଇପାରିଛନ୍ତି। ଆଗାମୀ ଦିନରେ ଆହୁରି ସଫଳତାର ଶୀର୍ଷକୁ ଯିବା ପାଇଁ ଆଶା ରଖିଛନ୍ତି। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଏହି ଦୁଇ ଖେଳାଳିଙ୍କୁ ନେଇ **ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା-**

### ଅନ୍ଧାରି ଗାଁର ଆଲୁଅ ଝିଲ୍ଲୀ ଦଳବେହେରା

ନୟାଗଡ଼ ଜିଲାର ଆଦିବାସୀ ଅଧ୍ୟୁଷିତ ଦଶପଲ୍ଲା ବ୍ଲକର ଅନ୍ଧାରି ଗାଁ ମକରପ୍ରସାଦରେ ଝିଲ୍ଲୀ ଦଳବେହେରାଙ୍କ ଜନ୍ମ। ସେହି ଗାଁର ଝିଅ ଆଜି ଭାରୋତ୍ତୋଳନରେ ରାଜ୍ୟ ତଥା ଦେଶ ପାଇଁ ଆଲୋକବର୍ତ୍ତିକା ପାଲଟିଛନ୍ତି। ଗାଁ ସ୍କୁଲରୁ ପାଠପଢ଼ା ଆରମ୍ଭ କରିବାର କିଛି ବର୍ଷ ପରେ ବୁଗୁଡ଼ା କନ୍ୟାଶ୍ରମରେ ରହି ପାଠ ପଢୁଥିଲେ। ୨୦୧୨ ମସିହାରେ ଝିଲ୍ଲୀ କନ୍ୟାଶ୍ରମରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ବିଦ୍ୟାଳୟକୁ ଯାଇଥିବା ଖେଳାଳି ଚୟନ ଟିମ୍ ତାଙ୍କୁ ଚୟନ କରିଥିଲେ। ଏହା ପରେ ସେ ଭୁବନେଶ୍ୱରରେ ରହି ପାଠପଢ଼ିବା ସହ ଭାରୋତ୍ତୋଳନ (ୱେଟଲିଫ୍ଟିଙ୍ଗ) ଶିକ୍ଷା ଲାଭ କରିଥିଲେ। ସେ ଜାତୀୟସ୍ତରରେ ୨ ଥର ସ୍ୱର୍ଣ୍ଣ, ୩ ଥର ବ୍ରୋଞ୍ଜପଦକ ହାସଲ କରିଛନ୍ତି। ଚାଇନାରେ ହୋଇଥିବା ଏସିଆନ୍ ୱେଟଲିଫ୍ଟିଙ୍ଗ ଚାମ୍ପିୟନଶିପ୍‌ରେ ଭାଗ ନେଇ ରୌପ୍ୟପଦକ ହାସଲ କରିଥିଲେ। ସେହିଭଳି ନ୍ୟୁଜିଲାଣ୍ଡ ସାମୋଓରେ ଅନୁଷ୍ଠିତ ସିନିୟର କମନୱେଲ୍‌ଥ





ଝିଲ୍ଲୀ ଦଳବେହେରା ଭାରୋତ୍ତୋଳନ କରୁଛନ୍ତି (ଫାଇଲ ଫଟୋ)।

ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଆଣିଥିଲେ। ଆସନ୍ତା ସେପ୍ଟେମ୍ବରରେ ଥାଇଲାଣ୍ଡରେ ହେବାକୁ ଥିବା ସିନିୟର ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ସେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଝିଲ୍ଲୀଙ୍କ କହିବା କଥା ଝିଅମାନେ କୌଣସି ଗୁଣରେ କମ୍ ନୁହନ୍ତି। ମନୋବଳକୁ ଦୃଢ଼ କରିବା ସହିତ କଠିନ ପରିଶ୍ରମ କଲେ ସବୁ ଝିଅ ସଫଳତା ପାଇବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ବାପା ବିଶ୍ୱନାଥ ଦଳବେହେରା ଚାଷ କାର୍ଯ୍ୟ କରୁଥିବା ବେଳେ ମାଆ ସୁଭଦ୍ରା ଦଳବେହେରା ଜଣେ ଗୃହିଣୀ। ଝିଲ୍ଲୀଙ୍କ ସମେତ ବିଶ୍ୱନାଥଙ୍କ ୪ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଝିଲ୍ଲୀ ନୟାପଲ୍ଲୀ ଭୁବନେଶ୍ୱରସ୍ଥିତ ଦେବରାୟ କଲେଜରେ ଯୁକ୍ତ ୩ ଛାତ୍ରୀ। ସେ ତାଙ୍କର ସଫଳତା ପାଇଁ ପୂର୍ବତନ କୋଚ୍ ପି. ଧରମା ରାଓ ଓ ବର୍ତ୍ତମାନ କୋଚ୍ ବିଜୟ ଶର୍ମାଙ୍କୁ ଶ୍ରେୟ ଜଣାଇଛନ୍ତି।

### ଉଜ୍ଜ୍ୱଳମୟ ଦୀପ ଦୀପାଳି ମହାପାତ୍ର

ନୟାଗଡ଼ ସହର ଶାସ୍ତ୍ରୀ କଲୋନୀରେ ରହୁଛନ୍ତି ଧାବିକା ଦୀପାଳି ମହାପାତ୍ର । କ୍ରୀଡ଼ାକ୍ଷେତ୍ରରେ ଉଜ୍ଜ୍ୱଳମୟ ଦୀପଟିଏ ହୋଇ ଜଳିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ଦୌଡ଼ ପ୍ରତିଯୋଗିତାରେ ସେ ସଫଳତା ପରେ ସଫଳତା ସାଉଁଟିବାରେ ଲାଗିଛନ୍ତି। ଛୋଟ ବେଳେ ଖେଳ ପ୍ରତି ତାଙ୍କର ଆଗ୍ରହ ଦେଖି ପରିବାର ଲୋକ ବିଦ୍ୟାଳୟରେ ହେଉଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ତାଙ୍କୁ ସାମିଲ କରାଇଥିଲେ। ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଦୌଡ଼ରେ ପ୍ରଥମ ହେବା ପରେ ଦୀପାଳି ଆଉ ପଛକୁ ଫେରିନାହାନ୍ତି। ସକାଳେ ଓ ସନ୍ଧ୍ୟାରେ ନୟାଗଡ଼ କଲେଜ ପଡ଼ିଆଠାରେ ଦୌଡ଼ ଅଭ୍ୟାସ ଜାରି ରଖିଛନ୍ତି । ନଭେମ୍ବର ୨୦୧୮ରେ ବିଶ୍ୱବିଦ୍ୟାଳୟସ୍ତରୀୟ ଓ ରାଜ୍ୟସ୍ତରୀୟ ଆଥ୍‌ଲେଟିକ୍ ମିଟ୍‌ରେ ଉଭୟ ୧୦୦ ଓ ୨୦୦ ମିଟର ଦୌଡ଼ରେ





ସ୍ୱର୍ଣ୍ଣ ପଦକ ହାସଲକାରୀ ଦୀପାଳି (ଫାଇଲ ଫଟୋ)

ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସମୟ ପୂର୍ବରୁ ପହଞ୍ଚି ରେକର୍ଡ଼ ବ୍ରେକ ମଧ୍ୟ କରିଥିଲେ। ହାଇଦ୍ରାବାଦଠାରେ ଅନୁଷ୍ଠିତ ୧୪ତମ ୟୁଥ୍ ନ୍ୟାଶନାଲ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଡିସେମ୍ବର ୨୦୧୮ରେ ହୋଇଥିବା ୬୪ତମ ରାଜ୍ୟ ଆଥ୍‌ଲେଟିକ ମିଟ୍‌ରେ ନୟାଗଡ଼ ଜିଲା ତରଫରୁ ୧୦୦ ଓ ୨୦୦ ମିଟର ଦୌଡ଼ରେ ସେ ଭାଗ ନେଇଥିଲେ। ୧୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଓ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଆସନ୍ତା ସେପ୍ଟେମ୍ବରରେ ରାଞ୍ଚିଠାରେ ହେବାକୁ ଥିବା ପୂର୍ବାଞ୍ଚଳ ଦୌଡ଼କୁଦ ପ୍ରତିଯୋଗିତା ପାଇଁ ସେ ଅଭ୍ୟାସ କରୁଛନ୍ତି। ଭଲ ପ୍ରଦର୍ଶନ କରିବା ପାଇଁ ସେ ଆଶା ରଖିଛନ୍ତି। ଦୀପାଳି ବର୍ତ୍ତମାନ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା ଛାତ୍ରୀ। ବାପା ସୁବାସ ମହାପାତ୍ର ଜଣେ ଅବସରପ୍ରାପ୍ତ ସୈନିକ ହୋଇଥିବା ବେଳେ ମାଆ ବାସନ୍ତୀ ଦେଈ ଶିକ୍ଷୟିତ୍ରୀ। ସେ ସେମାନଙ୍କର ଏକମାତ୍ର ଝିଅ। ଘର ନୟାଗଡ଼ ବ୍ଲକ ନୋଡର ପଞ୍ଚାୟତ ବଉଳସାହିରେ ହୋଇଥିବା ବେଳେ ବର୍ତ୍ତମାନ ଶାସ୍ତ୍ରୀ କଲୋନୀରେ ରହୁଛନ୍ତି। ତାଙ୍କ ମତରେ ପରିବାର ଲୋକମାନେ ଝିଅ ଓ ପୁଅଙ୍କୁ ସମାନ ଦୃଷ୍ଟିରେ ଦେଖିବା ଦରକାର। ସମସ୍ତଙ୍କୁ ସମାନ ସୁଯୋଗ ଦେଲେ ଝିଅ ମଧ୍ୟ ସବୁଥିରେ ସଫଳତା ହାସଲ କରିପାରିବ।

ସେହିପରି ନୟାଗଡ଼ ଜିଲା ତୁଳସୀପୁର ଗ୍ରାମର କ୍ରିକେଟର ରାଜେଶ ମହାନ୍ତି ଅଣ୍ଡର ୧୯(କନିଷ୍ଠ) ଏସିଆ କପ୍‌ରେ ଭାଗ ନେଇ ସଫଳତା ଆଣିଛନ୍ତି। ନୟାଗଡ଼ ସ୍ପୋର୍ଟସ ହଷ୍ଟେଲରେ ରହୁଥିବା ସମୀର କେରକେଟା ଆନ୍ତର୍ଜାତିକ ସ୍ତରରେ ଫୁଟବଲ ଖେଳି ଜିଲା ପାଇଁ ସଫଳତା ଆଣିଛନ୍ତି।

■ ବୋଲଗଡ଼ ପଞ୍ଚାୟତ ସମିତି ବୈଠକ

## ଆବାସ, ଭତ୍ତା ଓ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ



ବୈଠକରେ ଉପସ୍ଥିତ ପ୍ରତିନିଧି ଓ ଅଧିକାରୀମାନେ।

ବୋଲଗଡ଼,୨୮।୮(ଡି.ଏନ.ଏ.)

ବୋଲଗଡ଼ ପଞ୍ଚାୟତ ସମିତି ବୈଠକ ବୁଧବାର ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବାଗୃହର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ଭାବେ ବ୍ଲକ ଅଞ୍ଚଳରେ କଚ୍ଛାଘର ଥିବା ସମସ୍ତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରି ପକ୍କାଘର ଯୋଗାଇ ଦେବାକୁ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ବୈଠକରେ କହିଥିଲେ। ସେହିପରି ମଧୁସୂଦନ ଭତ୍ତା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରାଶନ କାର୍ଡ, ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର ପଦବୀ ପୂରଣ, ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରକଳ୍ପଗୁଡିକର କାର୍ଯ୍ୟ ଠିକାଦାର ସଠିକ ସମୟରେ ଶେଷ କରିପାରି ନ ଥିବା ନେଇ ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ପାନୀୟ ଜଳ ପ୍ରକଳ୍ପ ଉପରେ ବିଭିନ୍ନ ପ୍ରଶ୍ନର ଉତ୍ତରରେ ବ୍ଲକ ଅଞ୍ଚଳର ସମସ୍ତ ପଞ୍ଚାୟତ ପାଇଁ ହେବାକୁ ଥିବା ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୂଚନା ଦେଇଥିଲେ । ବୈଠକରେ କୃଷିଭିତ୍ତିକ ଯୋଜନାଗୁଡ଼ିକ ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବ୍ଲକ ଅଧକ୍ଷ ଗୋପାଳ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ସାହୁ, ବିଡିଓ ମଧୁସୂଦନ ବେହେରା, ଏବିଡିଓ ରତିକାନ୍ତ ମିଶ୍ର, ଉପାଧକ୍ଷା ପ୍ରତିମା ସାହୁ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ପଟ୍ଟନାୟକ, ତିଳୋତ୍ତମା ସୁବୁଦ୍ଧି ତ୍, ସୁମିତ୍ରା ବାହିନୀପତି ଏବଂ ଏମ୍‌ପି ପ୍ରତିନିଧି ଲୋତକ ବିନ୍ଦୁ ପଟ୍ଟନାୟକ ପ୍ରମୁଖ ମଞ୍ଚସୀନ ଥିଲେ ।

## ମହିଳାଙ୍କୁ ଅସଦାଚରଣ ଉଦ୍ୟମ: ଯୁବକ ଗିରଫ

ଓଡ଼ଗାଁ,୨୮।୮(ସ୍ୱ.ପ୍ର.)

ଓଡଗାଁ ଥାନା ନାଉଖାଲ ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ଅସଦାଚରଣ ଉଦ୍ୟମ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଯୁବକ ଜଣକ ହେଲେ ଗଞ୍ଜାମ ଜିଲା ଛତ୍ରପୁର ଥାନା ଝରପୋଖରୀ ଗାଁର ବିକାଶ ପ୍ରଧାନ(୨୪) । ବିକାଶଙ୍କୁ ଓଡଗାଁ ପୋଲିସ ଡାକ୍ତରୀ ମାଇନା କରାଇବା ପରେ ସ୍ଥାନୀୟ ଜେଏମ୍ଏଫ୍‌ସିଙ୍କ କୋର୍ଟରେ ହାଜର କରାଇଥିଲା । ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ପ୍ରକାଶ ଯେ, ମହିଳାଙ୍କ ମଉସା ଶ୍ୱଶୁର ତଥା ଗଞ୍ଜାମ ଜିଲା ବୁଗୁଡା ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହିତ ବିକାଶ ଗତ ୨୬ ତାରିଖ ସନ୍ଧ୍ୟାରେ ନାଉଖାଲ ସମ୍ପୃକ୍ତ ମହିଳାଙ୍କ ଘରକୁ ଆସିଥିଲେ । ମଉସା ଶ୍ୱଶୁର ଏବଂ ସ୍ୱାମୀ ଅତିଥି ସତ୍କାର ନିମନ୍ତେ ଥଣ୍ଡାପାନୀୟ ଆଣିବା ପାଇଁ ଦୋକାନକୁ ଯାଇଥିବା ବେଳେ ରୁଟି ପ୍ରସ୍ତୁତ କରୁଥିବା ମହିଳାଙ୍କୁ ଏକୁଟିଆ ପାଇ ବିକାଶ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ଏକଥା ମହିଳାଙ୍କ ସ୍ୱାମୀ ଜାଣିବା ପରେ ପରଦିନ ଓଡଗାଁ ଥାନାରେ ଅଭିଯୋଗ କରିଥିଲେ। ନଂ.୧୩୯/୧୯ରେ ମାମଲା ରୁଜୁକରି ପୋଲିସ ବିକାଶଙ୍କୁ ୨୭ ତାରିଖରେ ଗିରଫ କରି ୨୮ରେ କୋର୍ଟ ଚାଲାଣ କରିଥିଲା।

### ବାଲ୍ୟ ବିବାହ ବନ୍ଦ କଲା ଚାଇଲ୍ଡ ଲାଇନ୍

ନୟାଗଡ଼ ଅଫିସ,୨୮।୮

ନୟାଗଡ଼ ଜିଲା ଚାଇଲ୍ଡ ଲାଇନ୍ ପକ୍ଷରୁ ବୁଧବାର ନୟାଗଡ଼ ବ୍ଲକ ବାରପଲ୍ଲା ଗ୍ରାମରେ ହେଉଥିବା ଏକ ବାଲ୍ୟବିବାହକୁ ବନ୍ଦ କରାଯାଇଛି। ୧୫ ବର୍ଷର ଜଣେ ନାବାଳିକାଙ୍କୁ ବାରପଲ୍ଲା ଗ୍ରାମର ଚିକେନ୍ ଦୋକାନ କରିଥିବା ପୂର୍ଣ୍ଣଚନ୍ଦ୍ର ମହାନ୍ତି ନାମକ ଜଣେ ଯୁବକ ମନ୍ଦିରରେ ବିବାହ କରୁଥିଲେ। ଚାଇଲ୍ଡ ଲାଇନ୍ ଖବର ପାଇ ମନ୍ଦିରରେ ପହଞ୍ଚି ବିବାହକୁ ବନ୍ଦ କରିଥିଲେ। ନାବାଳିକାଙ୍କ ଘର ଲୋକେ ଗ୍ରାମ ଛାଡ଼ି ପଳାଇଥିବା ବେଳେ ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ସେଠାରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ସ୍ୱଦେଶ ମିଶ୍ର ନାବାଳିକାଙ୍କୁ ପଚରାଉଚରା କରିଥିଲେ। ପରେ ନାବାଳିକାଙ୍କୁ ତପସ୍ୟା ଶିଶୁଗୃହରେ ରଖାଯାଇଛି। ଟାଉନ ପୋଲିସ କର୍ମଚାରୀ ଚାଇଲ୍ଡ ଲାଇନ୍‌ର କମକର୍ତ୍ତା ସଞ୍ଜୟ ସାହୁ, ସୁଜାତା ବେହେରା ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ୪ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା), ୨୮।୮(ଡି.ଏନ.ଏ.)

ଟାଙ୍ଗୀ ଅବକାରୀ ବିଭାଗ ଅଧିକାରୀ ଓ କର୍ମକର୍ତ୍ତା ବୁଧବାର କୁହୁଡ଼ିରେ ଚଢ଼ାଉ କରି ୪କେଜି ୭ ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ରବୀନ୍ଦ୍ର ଭୁଜବଳ(୪୮)। ଅବକାରୀ ଇନ୍ସପେକ୍ଟର ନିନା ବେଉରା ଓ ସବ୍‌ଇନ୍ସପେକ୍ଟର ପ୍ରୀତିଧାରା ନାୟକ ପ୍ରମୁଖ କୁହୁଡ଼ି ଗଡ଼ଭିତର ସାହିର କୋଠଘରେ ଚଢ଼ାଉ କରି ଏହି ଗଞ୍ଜେଇ ଜବତ କରିଥିଲେ। ରବୀନ୍ଦ୍ରଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ବିଭାଗ ସୂତ୍ରରୁ ଜଣାପଡିଛି।

## ସର୍ବଭାରତୀୟ ମେଧା ପ୍ରତିଯୋଗିତାରେ ପ୍ରତ୍ୟୁଷ ଶ୍ରେଷ୍ଠ

ନୟାଗଡ଼ ଅଫିସ,୨୮।୮

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସର୍ବଭାରତୀୟ ସ୍ତରରେ ୧୦ ମେଧାବୀ ଛାତ୍ରମାନଙ୍କ ମଧ୍ୟରୁ ନୟାଗଡ଼ର ପୁଅ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେ ହେଲେ ନୟାଗଡ଼ ଜିଲା ସଦର ବ୍ଲକ ନଛିପୁର ଗ୍ରାମର ୩ୟ ଶ୍ରେଣୀ ଛାତ୍ର ପ୍ରତ୍ୟୁଷ କୁମାର ମହାନ୍ତି। ଅଲ୍ ଇନ୍ ଚାମ୍ପ- ୨୦୧୯ ପ୍ରତିଯୋଗିତାରେ ପ୍ରତ୍ୟୁଷ ଏହି ସଫଳତା ହାସଲ କରିଛନ୍ତି। ସେ ପ୍ରଥମ ସ୍ଥାନ ଅଧିକାର କରିଥିବା ହେତୁ ପୁରସ୍କାର ଆକାରରେ ତାଙ୍କୁ ଏକ ଲକ୍ଷ ଟଙ୍କା ଓ ୧୫ ଗ୍ରାମ୍ ସୁନାମୋହର ପ୍ରଦାନ କରାଯାଇଥିଲା। ତାଙ୍କ ଘର ନୟାଗଡ଼ରେ ହୋଇଥିବା ବେଳେ ସେ ରାଉରକେଲାରେ ରହି ପାଠ ପଢୁଛନ୍ତି। ପ୍ରତ୍ୟୁଷ ନଛିପୁର ଗ୍ରାମର ସଦୀପ କୁମାର ମହାନ୍ତିଙ୍କ ପୁଅ। ପ୍ରତ୍ୟୁଷଙ୍କ ଜେଜେବାପା ଜଣେ ଅବସରପ୍ରାପ୍ତ ଶିକ୍ଷକ ।



ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରତ୍ୟୁଷ ମହାନ୍ତି।

### ସମବାୟ ସମିତି ସମ୍ପାଦକଙ୍କ ପରଲୋକ

ଭାପୁର,୨୮।୮ (ଡି.ଏନ୍.ଏ): ଭାପୁର ବ୍ଲକର ଅଗ୍ରଣୀ ତନ୍ତ ସମବାୟ ସମିତି ଭାବେ ପରିଚିତ କଇଁଫୁଲିଆ ତନ୍ତବାୟ ସମିତିର ପୂର୍ବତନ ସମ୍ପାଦକ ବୈକୁଣ୍ଠ ନାଥ ସିଂ (୬୬)ଙ୍କ ହୃଦ୍‌ଘାତରେ ମଙ୍ଗଳବାର ପରଲୋକ ହୋଇଯାଇଛି। ସୋମବାର ରାତିରେ ଶୋଇଥିବା ସମୟରେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଚିକିତ୍ସା ନିମନ୍ତେ ଭାପୁର ଡାକ୍ତରଖାନାକୁ ନିଆଯାଇଥିଲା। ଗ୍ରାମ ଶ୍ମଶାନରେ ସ୍ୱର୍ଗତ ସିଂଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବଡ଼ ପୁଅ ବିପ୍ଳବ ମୁଖାଗ୍ନି ଦେଇଥିଲେ।

■ ସପ୍ଲିମେଣ୍ଟାରୀ ପରୀକ୍ଷାରେ ପାସ୍ ଛାତ୍ରୀଛାତ୍ର

## +୨ ଆଡ୍‌ମିଶନ ନେଇ ଆଶଙ୍କା

ଭାପୁର,୨୮।୮ (ଡି.ଏନ୍.ଏ)

ଏ ବର୍ଷ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାରେ ପାସ୍ କରିଥିବା ହଜାର ହଜାର ଛାତ୍ରୀଛାତ୍ର +୨ କଲେଜରେ ନାମ ଲେଖାଇବାରୁ ବଞ୍ଚିତ ହେବେ। ଗଣଶିକ୍ଷା ବିଭାଗର ନୋଟିସ ମୁତାବକ ପ୍ରତ୍ୟେକ +୨ କଲେଜରେ ଖାଲି ପଡ଼ିଥିବା ସିଟ୍‌ରେ ଏହି ପାସ୍ କରିଥିବା ଛାତ୍ରୀଛାତ୍ରମାନେ ଅଗଷ୍ଟ ୩୦ ତାରିଖରେ ଆଡମିଶନ କରିବା କଥା। ମାତ୍ର ୧୫ ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି ହାଇସ୍କୁଲକୁ ଏ ପର୍ଯ୍ୟନ୍ତ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ମାର୍କଶିଟ୍ ଓ ସାର୍ଟିଫିକେଟ୍ ଆସି ନାହିଁ। ସାର୍ଟିଫିକେଟ୍ ଆଣିବା ପାଇଁ ପ୍ରତ୍ୟେକ ଦିନ ହାଇସ୍କୁଲକୁ ଦୌଡ଼ି ଛାତ୍ରୀଛାତ୍ର ନୟାନ୍ତ ହେଲେଣି। ମଝିରେ ଆଉ ମାତ୍ର ଗୋଟିଏ ଦିନ ଥିବାରୁ ପାସ୍ କରିଥିବା ପିଲାମାନେ +୨ କଲେଜରେ ଆଡମିଶନ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଯୁକ୍ତ୨ରେ ପଢ଼ି ନ ପାରିବା ଆଶଙ୍କା ଯୋଗୁ ଅଭିଭାବକ ଓ ଛାତ୍ରୀଛାତ୍ର ମହଲରେ ଘୋର ନୈରାଶ୍ୟ ସୃଷ୍ଟି ହୋଇଛି। ମାଧ୍ୟମିକ ଶିକ୍ଷା ପରିଷଦର ଶିଥିଳତା ଯୋଗୁ ଏ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ସାର୍ଟିଫିକେଟ୍ ପାଇପାରିନାହାନ୍ତି। +୨ କଲେଜରେ ଆଡମିଶନ ତାରିଖ ନ ଘୁଞ୍ଚିଲେ ହଜାର ହଜାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ହୋଇଯିବ।

## ବର୍ଷେ ବିତିଲା, ଅଧପନ୍ତରିଆ ଅବସ୍ଥାରେ ଅଙ୍ଗନୱାଡ଼ି କେନ୍ଦ୍ର

ଖଣ୍ଡପଡ଼ା,୨୮।୮(ସ୍ୱ.ପ୍ର.)

କଣ୍ଟିଲୋ ଅଞ୍ଚଳରେ ନିର୍ମାଣାଧୀନ ଏକ ଅଙ୍ଗନୱାଡି କେନ୍ଦ୍ରର କାର୍ଯ୍ୟ ଦୀର୍ଘ ବର୍ଷପରେ ମଧ ଅଧପନ୍ତରିଆ ଅବସ୍ଥାରେ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ସ୍ଥାନୀୟ ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ଏଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ ନିମନ୍ତେ ରାଜ୍ୟ ସରକାର ତଥା ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରକାଶ ଯେ, ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତ ହାଟମୁଣ୍ଡପାଟଣା ମଧରେ ନିର୍ମାଣ ହେବାକୁ ଥିବା ୨/୩ ନଂ ଅଙ୍ଗନୱାଡି କେନ୍ଦ୍ର ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ ଏହି ଜାଗା ଜଣେ ବ୍ୟକ୍ତିଙ୍କ ଜବରଦଖଲରେ ଥିବାରୁ ନିର୍ମାଣ କାର୍ଯ୍ୟ ବିଳମ୍ବ ଘଟୁଥିଲା । ଏ



ଅଧପନ୍ତରିଆ ଅବସ୍ଥାରେ ଅଙ୍ଗନୱାଡି କେନ୍ଦ୍ର।

ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ (ଜନ କଲ୍ୟାଣ କ୍ଲବ)ର ସଦସ୍ୟମାନେ ୨୦୧୮ ଅଗଷ୍ଟ ୨୭ରେ ଖଣ୍ଡପଡା ବ୍ଲକରେ ଅନୁଷ୍ଠିତ ନୟାଗଡ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କେନ୍ଦ୍ରରେ ଲିଖିତ ଅଭିଯେଗ କରିଥିଲେ । ଏହାପରେ ଜବରଦଖଲକାରୀଙ୍କୁ ହଟାଇ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ତତ୍କାଳୀନ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ୨୦୧୮ ଅଗଷ୍ଟ ୨୯ରେ ଜବରଦଖଲ ଉଚ୍ଛେଦ କରାଯାଇ ପୋଲିସ, ପ୍ରଶାସନର ଉପସ୍ଥିତିରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ନିର୍ମାଣ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ ହେଉଥିବାରୁ ତୁରନ୍ତ କାମ ଶେଷ କରିବାକୁ ଖଣ୍ଡପଡା ବ୍ଲକ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳିପାରୁ ନ ଥିବା ଅଭିଯୋଗ ହୋଇଛି। ଗ୍ରାମର ପିଲାମାନେ ଅନ୍ୟସ୍ଥାନକୁ ଯାଇ ପାଠ ପଢୁଛନ୍ତି। ଦାୟିତ୍ୱରେ ଥିବା ଠିକାଦାର କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବାରୁ ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କ୍ଲବ୍ ସଭାପତି ଶରତ ଚନ୍ଦ୍ର ମହାରଣା, ଗୋଲାପମଣି ମହାରଣା, ସଚ୍ଚିଦାନନ୍ଦ ମହାରଣା, ସୁରେସ ମହାରଣା. ପ୍ରଭାକର ଶିରୋମଣି, ଅଖିଳ କୁମାର ମହାପାତ୍ର ପ୍ରମୁଖ ଲିଖିତ ଭାବେ ନୟାଗଡ଼ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଛନ୍ତି। ତେବେ ଠିକାଦାର ଏ ନେଇ କହିଛନ୍ତି ଯେ, ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ବର୍ତ୍ତମାନ ସ୍ୱଚ୍ଛ ଭାରତ ଅଭିଯାନରେ ଶୌଚାଳୟଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରାଯାଉଛି। ଏଥିଯୋଗୁ ବ୍ଲକର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି । ତୁରନ୍ତ ବନ୍ଦ ରହିଥିବା କାର୍ଯ୍ୟ ଆରମ୍ଭ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ମାଧବ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।